ସକାଳ THE SAKALA



### ନୂଆବଜାର ମାଛ ମାର୍କେଟ ଡବଲ ମର୍ଡର ମାମଲା

## ସାକ୍ଷୀଙ୍କୁ ସମନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୨୪।୧(ସମିସ):** ବହୁ ଚର୍ଚ୍ଚିତ ନୂଆବଜାର ମାଛ ମାର୍କେଟ ଡବଲ ମର୍ଡର ମାମଲାରେ ଚାର୍ଜସିଟରେ ଉଲ୍ଲେଖ ସାକ୍ଷୀଙ୍କୁ ସମନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସାକ୍ଷୀ ମାନଙ୍କୁ କଟକ ପ୍ରଥମ ଅତିରିକ୍ତ ଦୌରା ଜଜ୍ ଅଦାଲତ ସମନ ଜାରି କରିବା ସହ ଅଯଥାରେ ପ୍ରକ୍ରିୟା ବିଳମ୍ବ ନକରି ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ସଂପୂର୍ଣ୍ଣ ହେବ ବୋଲି ହାଇକୋର୍ଟ କହିଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ କଟକ ପ୍ରଥମ ଅତିରିକ୍ତ ଦୌରା ଜଜ୍ ଅଦାଲତଙ୍କ ୨୦୨୫, ଅକ୍ଟୋବର ୩୧ର ନିର୍ଦ୍ଦେଶକୁ ଚାଲେଞ୍ଜ କରି ରାଜ୍ୟ ସରକାରଙ୍କ ତରଫରୁ ଏହି ମାମଲା ଦାୟର କରାଯାଇଥିଲା। ନୂଆବଜାର ଡର୍ବଲ ମର୍ଡର ମାମଲାରେ ପ୍ରସିକ୍ୟୁସନ ତରଫରୁ ଚାର୍ଜସିଟରେ ଉଲ୍ଲେଖ ୬୧ଜଣ ସାକ୍ଷୀଙ୍କ ମଧ୍ୟରୁ ୧୫ଜଣଙ୍କ ଅଦାଲତରେ ସାକ୍ଷ୍ୟ ଗ୍ରହଣ ହୋଇ ସାରିଛି। ୨୬ଜଣ ସାକ୍ଷୀଙ୍କ ତାଲିକା ଟ୍ରାଏଲ ଅଦାଲତରେ ଦାଖଲ କରାଯାଇ ସେମାନଙ୍କୁ ସମନ କରିବାକୁ ପ୍ରାର୍ଥନା କରାଯାଇଥିଲା। ନିମ୍ନ ଅଦାଲତ ଚାର୍ଜସିଟରେ ଉଲ୍ଲେଖ ସାକ୍ଷୀଙ୍କୁ ସମନ କରି ନାହାନ୍ତି ବୋଲି ଦର୍ଶାଯାଇଥିଲା।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୨୦୦୯, ଡିସେମ୍ବର ୧୧ ସକାଳ ୯ଟା ୫୦ରେ ଚାଉଳିଅଗଞ୍ଜ ଥାନା ଅନ୍ତର୍ଗତ ନୂଆବଜାର ମାଛ ମାର୍କେଟରେ ଟିଟୁଆ ଓରଫ୍ ଅନିରୁଦ୍ଧ ସେଠୀ ଓ ଲିଟୁଆ ଓରଫ କାମେଶ୍ୱର ସେଠୀଙ୍କୁ ଗୁଳି କରି ଦୁର୍ବୃତ୍ତମାନେ ହତ୍ୟା କରିଥିଲେ। ଏହି ବହୁ ଚର୍ଚ୍ଚିତ ହତ୍ୟାକାଣ ପଛରେ ସୁଶାନ୍ତ ଧଳସାମନ୍ତଙ୍କ ହାତ ଥିଲା ବୋଲି ଅଭିଯୋଗ ହୋଇଥିଲା।

## ଜାତୀୟ ମତଦାନ ଦିବସ



**କଟକ,୨୪।୧(ସମିସ):** ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ମତଦାନ ଦିବସ ଓ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଅଫିସର ଚନ୍ଦନା ମହାନ୍ତି, ସୁଶ୍ରୀ କାନ୍ତି ବିଶ୍ୱାଳ, ଅମ୍ରିତା ଲେଙ୍କା, ବିବେକ ତ୍ରିପାଠି, ଅନିମା ମହାପ୍ରଶସ୍ତ, ରୋଜାଲିନ ସାମଲ, ନିହାର ରଥ, ସୁଚିସ୍ମିତ ମହାନ୍ତି, ରୋଜାଲିନ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମତଦାନ କ୍ଲବର ସଭ୍ୟ ଓ ଛାତ୍ରୀ କେ.ଅଖିଳା, ସିଦ୍ଧି ଶତପଥୀ, ରିତାଞ୍ଜଳି, ଓମ୍ ସାସମଲ କଲେଜ ପରିସରରେ ନୂତନ ମତଦାତାଙ୍କୁ ସଚେତନ କରିଥିଲେ।

## ଅଟଳ ସେନା ପକ୍ଷରୁ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

**ସାଲେପୁର,୨୪।୧(ସମିସ):** ଅଟଳ ସେନା ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାଲେପୁର ଶାରଳା ମଣ୍ଡପ ପରିସରରେ ଅଟଳ ସେନାର ରାଜ୍ୟ ଅଧ୍ୟକ୍ଷ ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଦୀନବନ୍ଧୁ ରାଉତ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ



ସଂଘର କଟକ ବିଭାଗ ସଂଘ ଚାଳକ ଡଃ ଗୌତମ ମହାରଣା, ମୁଖ୍ୟବକ୍ତା ରୂପେ ବିଶିଷ୍ଟ ଶିକ୍ଷାବିତ୍ ଡଃ ପୂର୍ଣ୍ଣଚନ୍ଦ୍ର ଓଝା, ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ଉମେଶ ଚନ୍ଦ୍ର ପତି, ଶିକ୍ଷାବିତ୍ ବିପିନ ବିହାରୀ କର, ଚୌଧୁରୀ ପ୍ରମୋଦ କୁମାର ଶରଣ ଯୋଗଦେଇ ଥିଲେ। ଉକ୍ତ ଉତ୍ସବକୁ ଅଟଳ ସେନା ଚିନ୍ତନ ପରିଷଦର ଉପାଧ୍ୟକ୍ଷ ଡଃ ପ୍ରଭାତ କିଶୋର ନାୟକ, ଅଧିବକ୍ତା ଗୌତମ ରାୟ ଚୌଧୁରୀ, ରବିନ୍ଦ୍ର କୁମାର ବେହେରା, ପ୍ରତାପ କିଶୋର ମିଶ୍ର, ଭିକାରୀ ଚରଣ ବେହେରା, ଲକ୍ଷ୍ମୀନାରାୟଣ ନାୟକ, ମାନସ ରଂଜନ ଦାଶ, ଅଧିବକ୍ତା ତ୍ରିଲୋଚନ ବରାଳ, ଧରମବୀର ଦାସ, ସନ୍ତୋଷ ସାମଲ, ବିଜୟିନୀ ନାୟକ, ନାଗମଣି ସ୍ୱାଇଁ, ମିନତୀ ନାୟକ, କୌଶଲ୍ୟା ରାଉଳ, ରେଣୁବାଳା ରାଉତ, ମିନାକ୍ଷୀ ବେହେରା, ପୂଜା ସାମଲ, ପ୍ରହଲ୍ଲାଦ ଷଡ଼ଙ୍ଗୀ, ଦେବେନ୍ଦ୍ର ବେହେରା, କିଶୋର ସାମଲ, ପ୍ରବୀର ଚନ୍ଦ୍ର ଦାସ, ପ୍ରଶାନ୍ତ ମଲ୍ଲିକ, କେଶବ ସେଠୀ, କୃଷ୍ଣଚନ୍ଦ୍ର ବାରିକ, ଜିତେନ୍ଦ୍ର ଗୋଛାୟତ ସମେତ ଶତାଧିକ ଅଟଳ ସୈନିକ ଉପସ୍ଥିତ ଥିଲେ। ଶୁଭମ୍ ସ୍ୱରୂପ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷାବିତ୍ ଅଶୋକ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଟିଗିରିଆରେ ଜଣ୍ଡିସ: ୩୩ ଆକ୍ରାନ୍ତ

ଟିଗିରିଆ,୨୪।୧(ସମିସ):

ଟିଗିରିଆ ବ୍ଲକ ରେ ଜଣ୍ଡିସ ରୋଗର ସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଏଥିନେଇ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରୋଗର କାରଣ, ନିୟନ୍ତ୍ରଣ ଓ ସଚେତନତା ଦିଗରେ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ଟିଗିରିଆ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଡ଼ିକାଲ

### ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା

ଅଫିସର ଡାକ୍ତର ମନୋରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶରେ ପୁରୁଣା ଟିଗିରିଆ ପଞ୍ଚାୟତସ୍ଥିତ ମହେଶ୍ୱର ନୋଡାଲ ବିଦ୍ୟାପୀଠରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ସମୟରେ ଅନ୍ୟ କୌଣସି ଛାତ୍ରଛାତ୍ରୀଙ୍କ ନିକଟରେ ଜଣ୍ଡିସ ରୋଗର ଲକ୍ଷଣ ପ୍ରକାଶ ପାଇନଥିବା ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପରିସଂଖ୍ୟାନ ସହାୟକ ମନମୋହନ ଦାଶ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣ୍ଡିସ ରୋଗ ଦେଖାଯାଇଥିବା ନୂଆପାଟଣା,



ଜେମାଦେଇପୁର, ବାସୁଦେବପୁର, ଭୋଗଡା, ବିନ୍ଧାଣିମା, ବାଲିପୁଟ ଓ ପୁରୁଣା ଟିଗିରିଆ ଗ୍ରାମରେ ରୋଗୀମାନେ ବ୍ୟବହାର କରୁଥିବା ୨୪ ଟି କୂଅକୁ ବିଶୋଧନ କରାଯିବା ସହ ମୋଟ ୧୬ଟି କୂଅର ଜଳ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି।

ସୂଚନାଯୋଗ୍ୟ ଯେ ବିଗତ କିଛିଦିନ ମଧ୍ୟରେ ଟିଗିରିଆ ବ୍ଲକର ବିଭିନ୍ନ ଗ୍ରାମରେ ଜଣ୍ଡିସ ରୋଗୀଙ୍କ ସଂଖ୍ୟାରେ ଦିନକୁ ଦିନ ଅହେତୁକ ଭାବେ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ବିଶେଷ ଭାବେ ବିଦ୍ୟାଳୟର ୧୩ ଜଣ ଛାତ୍ରଛାତ୍ରୀ ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ। ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ଲକରେ ମୋଟ ଜଣ୍ଡିସ ରୋଗୀ ସଂଖ୍ୟା ୩୩ଦର୍ଶାଯାଇଥିବା ବେଳେ ଏହି ସଂଖ୍ୟା ଢେର ଅଧିକ ବୋଲି ଜଣାପଡିଛି। ପରିସଂଖ୍ୟାନ ସହାୟକ ଶ୍ରୀ ଦାଶ ବିଷାକ୍ତ ଓ ଅପମିଶ୍ରିତ ଖାଦ୍ୟ ମଧ୍ୟ ଏହି ଜଣ୍ଡିସ ବ୍ୟାପିବାର କାରଣ ହୋଇପାରେ ବୋଲି ଆଶଙ୍କା ପ୍ରକଟ କରିଛନ୍ତି। ଏ ନେଇ ସୋମବାର ଦିନ ଜିଲ୍ଲା ଖାଦ୍ୟ ନିରୀକ୍ଷକ ଙ୍କୁ ଅଞ୍ଚଳରେ ହୋଟେଲ, ଜଳଖିଆ ଦୋକାନ, ଫାଷ୍ଟ ଫୁଡ଼ ଦୋକାନ, ଚାଟ, ଗୁପ ଚୁପ, ଦହି ବରା ପ୍ରସ୍ତୁତ କରି ବିକ୍ରୟ କରୁଥିବା ବ୍ୟବସାୟୀ ସଂସ୍ଥାର ଖାଦ୍ୟର ମାନ ପରୀକ୍ଷା କରିବା ପାଇଁ ଚିଠି ଲେଖାଯିବ ବୋଲି ସୂଚନା ଦେଇଛନ୍ତି। ଆଜି କୌଣସି ନୂତନ ଜଣ୍ଡିସ ରୋଗୀ ବାହାରି ନଥିଲେ ମଧ୍ୟ ସ୍ଥିତି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଥିବା ଶ୍ରୀ ଦାଶ ସୂଚନା ଦେଇଛନ୍ତି।

## ସ୍କୁଲରେ ତାଲା ପକାଇଲେ ଅଭିଭାବକ

**ନରସିଂହପୁର,୨୪।୧(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ କାମଳାଡ଼ିହ ଗ୍ରାମରେ ଥିବା ପିଏମଶ୍ରୀ ସରକାରୀ ଚିନ୍ତାମଣି ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକଙ୍କର ନିଯୁକ୍ତିକୁ ବାତିଲ କରି ଅନ୍ୟଜଣେ କ୍ରୀଡ଼ା ଶିକ୍ଷକ ନିଯୁକ୍ତି ଦାବିରେ ଶନିବାର ବିଦ୍ୟାଳୟରେ ତାଲା ପକାଇବା ସହିତ ସମ୍ମୁଖରେ ଅଭିଭାବକ ମାନେ ଧାରଣା ଦେଇଛନ୍ତି। ସୂଚନା ଅନୁଯାୟୀ ସରକାରୀ ଚିନ୍ତାମଣି ଉଚ୍ଚ ବିଦ୍ୟାଳୟରୁ ଗତ ପ୍ରାୟ ୨୦ ଦିନ ତଳେ ଜଣେ କ୍ରୀଡା ଶିକ୍ଷକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ଅନ୍ୟ ଜଣେ ଅନଭିଜ୍ଞ ଶିକ୍ଷକଙ୍କୁ ନିଯୁକ୍ତି ଦିଆ ଯାଉଥିବା ଅଭିଯୋଗ କରି ଅଭିଭାବକ ମାନେ ବିଦ୍ୟାଳୟରେ ତାଲା ପକାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲିଣ୍ଡା ଥାନା ଭାରପ୍ରାପ୍ତ ଅଧିକାରୀ ବି. ପି. ଦାସ ପ୍ରମୁଖ ଘଟଣାସସ୍ଥଳକୁ ଯାଇ ଅଭିଭାବକମାନଙ୍କ ସହିତ ଆଲୋଚନା କରି ନବନିଯୁକ୍ତ ଶିକ୍ଷକଙ୍କ ବଦଳରେ ତାଙ୍କ ସ୍ଥାନରେ ଆନ୍ୟ କ୍ରୀଡା ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ବିଦ୍ୟାଳୟ ଫାଟକରୁ ତାଲା ଖୋଲାଯାଇ ଶିକ୍ଷା ବ୍ୟବସ୍ଥା ସ୍ୱାଭାବିକ ହୋଇଥିଲା।



## ନରସିଂହପୁର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସେମିରେ ଅନୁଗୋଳ

**ନରସିଂହପୁର,୨୪।୧(ସମିସ):** ନରସିଂହପୁର ବ୍ଲକ ରେଞ୍ଜର ପଡ଼ିଆରେ ନରସିଂହପୁର କ୍ରିକେଟ୍ କ୍ଲବ ଦ୍ୱାରା ନରସିଂହପୁର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ମ୍ୟାଚ୍ ଅନୁଗୋଳ ସହିତ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଉରକେଲା ପ୍ରଥମେ ଟସ୍ ଜିତି ବୋଲିଂ କରିଥିଲା। ଅନୁଗୋଳ ଦଳ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୭୨ ରନ ସଂଗ୍ରହ କରିଥିବାବେଳେ ଜବାବରେ ରାଉରକେଲା ୨୦ ଓଭରରେ ୯ ୱିକେଟ୍ ହରାଇ ୧୩୭ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ତସରିଫ୍ ଖାଁ ୪୧ଟି ବଲରେ ୬୨ ରନ ଓ ୪ ଓଭରରେ ୩ଟି ୱିକେଟ ହାସଲ କରି ମ୍ୟାନ୍ ଅଫ ଦ ମ୍ୟାଚ୍ ଘୋଷିତ ହୋଇଥିଲେ। ଆଜିର ମ୍ୟାଚକୁ ଅଶୋକ ରାଉତ ଓ ସଞ୍ଜୟ କୁମାର ଶତପଥୀ ମ୍ୟାଚ୍ ପରିଚାଳନା କରିଥିବାବେଳେ ବିବେକାନନ୍ଦ ବେହେରା ଓ ଏମଡି ଅଝାରଉଦ୍ଦିନ ସ୍କୋରିଂରେ ସାହାଯ୍ୟ କରିଥିଲେ। ଖେଳରେ ସରଧାପୁର ପଞ୍ଚାୟତର ସମିତିସଭ୍ୟ ଶକ୍ତି ପ୍ରସାଦ ମିଶ୍ର, ନିରଦ ନାୟକ, ସରୋଜ ସେଠୀ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତାକାଲି ଏହି ଖେଳରେ ଅନୁଗୋଳ ସହିତ ଆନ୍ଧ୍ରପ୍ରଦେଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ; ୫ ଆହତ

**ଆଠଗଡ଼,୨୪।୧(ସମିସ):** ଆଠଗଡ଼ ଥାନା ଅନ୍ତର୍ଗତ ବଉଳପଦା ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଆଜି ସନ୍ଧ୍ୟାରେ ଗୋଷ୍ଠୀ ସଂଘର୍ଷ ହୋଇଥିବା ଜଣାପଡିଛି। ଏଥିରେ ୫ଜଣ ଆହତ ହୋଇଥିବା ବେଳେ ଜଣକୁ ଗୁରୁତର ଅବସ୍ଥାରେ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଆହତ ହୋଇ ଥିବା ଗୋଟିଏ ଗୋଷ୍ଠୀର ବ୍ୟକ୍ତି ମାନେ ହେଲେ ପବିତ୍ର ମୋହନ ବେହେରା (୫୫), ତୋଫାନ ବେହେରା (୨୧), ଟିକି ବେହେରା (୩୫) ଏବଂ ଅନ୍ୟ ଗୋଟିଏ ଗୋଷ୍ଠୀର ସାରଙ୍ଗଧର ସ୍ୱାଇଁ (୪୧), ଏବଂ ଅଜୟ ସ୍ୱାଇଁ (୬୦)। ଉଭୟ



ଗୋଷ୍ଠୀଙ୍କ ମଧ୍ୟରେ ଜମିବାଡ଼ି ସମ୍ପର୍କିତ ବିବାଦ ଦୀର୍ଘଦିନ ଧରି ଚାଲିଆସୁଥିଲା। ଆଜି ସନ୍ଧ୍ୟାରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ହୋଇଥିଲା। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପ୍ରଥମେ ବଚସା ହେବା ପରେ ତାହା ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ଢେଲା ପଥର ମାଡ ହେବା ସହ ଉଭୟ ପକ୍ଷରୁ ୫ ଜଣ ଆହତ ହୋଇ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ତୋଫାନ ବେହେରାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ଆଠଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ତେବେ ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଖବର ଲେଖା ହେବା ବେଳକୁ ଆଠଗଡ଼ ଥାନା ରେ ଉଭୟ ପକ୍ଷ ଙ୍କ ମଧ୍ୟରୁ କୌଣସି ଅଭିଯୋଗ ହୋଇ ନ ଥିବା ପୁଲିସ ପକ୍ଷରୁ କୁହାଯାଇଛି।

■ ଇସ୍‌ଲାମ୍ ଚାନ୍ଦ କ୍ଲବ୍ ପକ୍ଷରୁ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ମୋହିନୀପୁରକୁ ହରାଇ ଫାଇନାଲ୍‌ରେ ଗବବସ୍ତ



**ଫୁଲନଖରା, ୨୪।୧ (ସମିସ):** ବ୍ରାହ୍ମଣଝରିଲୋସ୍ଥିତ ଇସ୍‌ଲାମ୍ ଚାନ୍ଦ ପଡିଆରେ ଇସ୍‌ଲାମ୍ ଚାନ୍ଦ କ୍ଲବ୍ ପକ୍ଷରୁ ଦ୍ୱି-ଦିବସୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବିଭିନ୍ନ ଜିଲ୍ଲାର ୧୬ଟି ଫୁଟବଲ୍ ଦଳକୁ ନେଇ ଅନୁଷ୍ଠିତ ଉକ୍ତ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଆଇନଜୀବୀ କବି ନାରାୟଣ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସମାଜସେବୀ ବିଶ୍ୱରଂଜନ ସାହୁ, ପୂର୍ବତନ ଫୁଟବଲ୍ ଖେଳାଳି ସାହେବଚାନ୍ଦ ମହମ୍ମଦ, ସରାଫତ୍ ଅଲ୍ଲୀ, ଇଦ୍ରିସ ମହମ୍ମଦ, ମହମ୍ମଦ ହସନ୍, ବସନ୍ତ ବେହେରା, କଟକ ଜିଲ୍ଲା ସାମ୍ବାଦିକ ସଂଘର ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନ, ସାମ୍ବାଦିକ କାନନ ବିହାରୀ ନାୟକ ପ୍ରମୁଖ ଯୋଗଦେଇଥିଲେ।

ଉଦ୍‌ଘାଟନୀ ମ୍ୟାଚ୍‌ରେ ସାଇଁଶୋ ଫୁଟବଲ କ୍ଲବ୍ ଓ ଅଡଶପୁର ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ବରାହୀପୁର ଓ ଗବବସ୍ତ ମଧ୍ୟରେ, ତୃତୀୟ ମ୍ୟାଚ୍ ବିଲାଶୁଣି ଓ ମୋହିନୀପୁର ମଧ୍ୟରେ ଏବଂ ଚତୁର୍ଥ ମ୍ୟାଚ ମରିଚିଆ ଓ ଯଦୁପୁର ମଧ୍ୟରେ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚରେ ମୋହିନୀପୁର ଓ ଗବବସ୍ତ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗବବସ୍ତ ଦଳ ୨-୦ ଗୋଲ୍‌ରେ ବିଜୟୀ ହୋଇ ଫାଇନାଲ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଉକ୍ତ ଟୁର୍ଣ୍ଣାମେଣ୍ଟକୁ କ୍ଲବ୍‌ର ସଭାପତି ହଲିମ୍ ଖାଁ, ଉପସଭାପତି ସଦାମ୍ ହୁସେନ୍, ସଂପାଦକ ମହମ୍ମଦ ବିଟୁ, ସହସଂପାଦକ ଫାରୋ ଖାଁ, କୋଷାଧ୍ୟକ୍ଷ ଜୁବେଦ୍ ଖାଁ ପ୍ରମୁଖ କ୍ଲବ୍‌ର ସମସ୍ତ ସଦସ୍ୟ ଖେଳ ପରିଚାଳନା କରିଥିଲେ।

## ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଅଭିଯୋଗ; ସ୍କୁଲ ପ୍ରତିଷ୍ଠାତା ଗିରଫ

**ବଡ଼ମ୍ବା,୨୪।୧(ସମିସ):** ବଡ଼ମ୍ବା ବ୍ଲକ ଗଡାପୋଖରୀ ପଞ୍ଚାୟତ ଖମାରସାହି ନିକଟରେ ଥିବା ଏକ ଘରୋଇ ଶିକ୍ଷ୍ୟାନୁଷ୍ଠାନର ପ୍ରତିଷ୍ଠାତା ଜନୈକା ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ବଡମ୍ବା ପୁଲିସ ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରତିଷ୍ଠାତା ଜଣକ ବିଦ୍ୟାଳୟରେ ବାରମ୍ବାର ଶିକ୍ଷୟିତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିବାରୁ ସେ ଥାନାର ଆଶ୍ରୟ ନେଇଥିଲେ। କିନ୍ତୁ ଏଥିରେ କିଛି ଫଳ ମିଳିନଥିଲା। ଗତ ବୁଧବାର ଦିନ ସ୍କୁଲର ପ୍ରତିଷ୍ଠାତା ପୁଣି ଶିକ୍ଷୟିତ୍ରୀଙ୍କୁ ଅଶାଳୀନ ବ୍ୟବହାର କରିବା ସହ ଅସଦାଚରଣ କରିଥିବା ନେଇ ସେ ବଡ଼ମ୍ବା ଥାନାରେ ଅଭିଯୋଗ କରିଥିଲେ। ସ୍କୁଲର ପ୍ରତିଷ୍ଠାତା ଏନେଇ ହରମୋହନ ପଟ୍ଟନାୟକଙ୍କୁ ଗିରଫ କରିଛି ପୁଲିସ। ବଡ଼ମ୍ବା ଥାନା ଅଧିକାରୀ ପ୍ରେମାନନ୍ଦ ନାୟକଙ୍କ ସହ ଯୋଗାଯୋଗ ପରେ ହରମୋହନଙ୍କ ନାମରେ ବିଭିନ୍ନ ଅପରାଧିକ ମାମଲା ବଡ଼ମ୍ବା ଥାନାରେ ଅଛି ଏବଂ ଶିକ୍ଷୟିତ୍ରୀଙ୍କ ପ୍ରତି ଅସଦାଚରଣ କରିବା ମାମଲାକୁ ନେଇ କୋର୍ଟ ଚାଲାଣ କରାଯାଇଛି।

## ରାଜ୍ୟସ୍ତରୀୟ ଆଦିବାସୀ ଫୁଟବଲ୍ ପ୍ରତିଯୋଗିତା

**ଟାଙ୍ଗୀ,୨୪।୧(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ଅଭୟପୁର ଗ୍ରାମରେ ଏମବିଏ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଆଦିବାସୀ ଗ୍ରାମୀଣ ଫୁଟବଲ ପ୍ରତିଯୋଗିତା ୩ଦିନରେ ପହଞ୍ଚିଛି। ତୃତୀୟ ଦିବସ ଉଦଘାଟନ ଉତ୍ସବରେ କ୍ଲବ ସଭାପତି ତଥା ପଞ୍ଚାୟତ ସମିତି ସଭ୍ୟ ଜିତେନ୍ଦ୍ର ବଦ୍ରା ପୌରହିତ୍ୟ କରିଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ଯୋଗଦେଇ ଗ୍ରାମୀଣ ଆଦିବାସୀ କ୍ରୀଡାର ବିକାଶ ସହ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ଯୁବ ସମାଜସେବୀ ଗଙ୍ଗାଧର ବେହେରା,ମାନସ ରଞ୍ଜନ ସାହୁ, ରକ୍ଷ୍ୟାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସୂଚନା ଅନୁସାରେ କଟକ, ଯାଜପୁର, ଢେଙ୍କାନାଳ ଓ ବାଲେଶ୍ୱର ଜିଲ୍ଲାର ୪୮ ଟି ଫୁଟବଲ ଟିମ୍ ଅଂଶଗ୍ରହଣ କରିଛନ୍ତି।

### ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୬୮ ତମ ଶାଖା ଉଦ୍‌ଘାଟିତ

# 'ସୃଜନଶୀଳ ଚିନ୍ତାଧାରା ପିଲାଙ୍କ ଭବିଷ୍ୟତ ଗଢ଼ିବ: ଗଣିତଜ୍ଞ ଆନନ୍ଦ

କଟକ,୨୪।୧(ସମିସ):

ସମୟବଦଳିଛି, ପିଲାମାନଙ୍କ ଧୀ ଶକ୍ତି ଆମଠୁ ବହୁ ଆଗକୁ ଯାଇଛି। ବର୍ତ୍ତମାନ ପଣିକିଆ, ଟେବୁଲ ଘୋଷିବାର ଯୁଗ ନୁହେଁ, ଭାବିବାର ଯୁଗ। ଧୀରେଧୀରେ କମ୍ପ୍ୟୁଟର ଆସିଲା, ଆଜି ଏଆଇ ଆସିଛି। ଏଆଇ ସବୁକିଛିର ସମାଧାନ ତୁରନ୍ତ କରିଦେଉଛି। ଏଭଳି ପରିସ୍ଥିତିରେ ସେଣ୍ଟ ଜାଭିୟର ସ୍କୁଲ କ୍ଲାସ୍ ୧, ୨, ୩ ପାଇଁ ଏଆଇ ମାଧ୍ୟମରେ ଡିଜିଟାଲ୍ କଣ୍ଟେଣ୍ଟ ତିଆରି କରୁଛନ୍ତି। ପିଲାମାନଙ୍କୁ ଘୋଷିବା, ବାରମ୍ବାର ପଢ଼ାଇ ମୁଣ୍ଡରେ ପୁରାଇବା ବଦଳରେ ପିଲା କିପରି ସୃଜନଶୀଳ ହେବ ସେ ସଂକ୍ରାନ୍ତରେ ଶିକ୍ଷା ପ୍ରଦାନ କରୁଛି। ଆଗାମୀ ୧୦ବର୍ଷରେ ପ୍ରତିଯୋଗିତା ଅଧିକ କଠିନ ହେବ। ଏକଦା କମ୍ପ୍ୟୁଟର ଆସିଥିଲା, ଲୋକେ ଡରୁଥିଲେ ବେକାରି ବଢ଼ିବ। ଆଜି ସାରା ବିଶ୍ୱରେ ଏଆଇ ପରେ ଭବିଷ୍ୟତ କ'ଣ ଏହା ଚର୍ଚ୍ଚାର ବିଷୟ। ବଡ଼ ବଡ଼ ଗଣିତ ସମସ୍ୟା ତୁରନ୍ତ ସମାଧାନ ହେଉଛି। ଆଗାମୀ ଦିନରେ ସେହି ପିଲାଙ୍କର ଭବିଷ୍ୟତର ମୂଲ୍ୟ ରହିବ, ଯିଏ ନୂଆ କିଛି ସୃଷ୍ଟି କରିପାରିବ, ଗଭୀର ଭାବେ ଭାବି ପାରିବ, ଯାହାର ଚିନ୍ତାଧାରା ସୃଜନଶୀଳ ହୋଇଥିବ। ସେଣ୍ଟ ଜାଭିଅର୍ସ ଗ୍ରୁପ୍ ଅଫ୍ ସ୍କୁଲ୍ସ ସେହି ଲକ୍ଷ୍ୟ ପାଇଁ ସମର୍ପିତ ବୋଲି କଟକ ମିଶନ ରୋଡ ଠାରେ ୬୮ତମ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚର୍ଚ୍ଚିତ ଆଇଆଇଟି ପ୍ରଫେସର ତଥା ସୁପର-୩୦ର ପ୍ରତିଷ୍ଠାତା ଆନନ୍ଦ କୁମାର କହିଛନ୍ତି।

ଆମେ ପିଲାମାନଙ୍କୁ ପଢ଼ାଉଛୁ। ସେମାନଙ୍କ ମଧ୍ୟରେ ଏମିତି ପିଲା ଅଛନ୍ତି, ଯାହାଙ୍କ ବାପା ମଜୁରି କରନ୍ତି, ଠେଲା ଗାଡ଼ିରେ ବିକ୍ରି କରନ୍ତି, ଆଉ ଅଟୋ ଡ୍ରାଇଭର। ତେବେ ହିନ୍ଦୀ ମିଡିୟମ୍‌ରେ ପଢ଼ିଥିବା, ଆଞ୍ଚଳିକ ଭାଷାରେ ପଢ଼ିଥିବା ପିଲା କିପରି ଗୁଗୁଲ୍ ଭଳି କମ୍ପାନୀରେ ଯାଇ ଭଲ ପଦରେ କାମ କରୁଛି? କିପରି ଆଇଏଏସ୍, ଆଇପିଏସ୍ ହେଉଛି? ଆଇଟି କରିବା ତ ଆଜି ସାଧାରଣ କଥା। ତାହାର ମୂଳ କାରଣ ହେଉଛି ଆମେ ପିଲାମାନଙ୍କୁ କେବଳ ଘୋଷିବା ପାଇଁ ନୁହେଁ, ଭାବିବା ପାଇଁ ପ୍ରେରିତ କରୁଛୁ।



ଯେକୌଣସି ପିଲାକୁ ଗଣିତର ଫର୍ମୁଲା ପଚାରିଲେ ସେ ସଙ୍ଗେ ସଙ୍ଗେ ଉତ୍ତର ଦେଇ ଦବ। କିନ୍ତୁ ଏହି ଫର୍ମୁଲା କାହିଁକି? ଏହା ପଛରେ କାରଣ କ'ଣ? ଯାର ଉତ୍ତର ତା ପାଖରେ ନାହିଁ। ତେଣୁ ଆଜିର ସମୟରେ ପିଲାମାନଙ୍କୁ ବୁଝିବାର ବେଳ ଆସିଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ମହାନ୍ତି ସାହେବ ଏଆଇ ବ୍ୟବହାର କରି ଡିଜିଟାଲ୍ ପ୍ଲାଟଫର୍ମ ତିଆରି କରୁଛନ୍ତି, ପିଲାମାନଙ୍କୁ ଭାବିବା ପାଇଁ ପ୍ରେରିତ କରୁଛନ୍ତି ଏହା ମତେ ବହୁତ ଆକର୍ଷିତ କରିଛି ବୋଲି ଶ୍ରୀଯୁକ୍ତ ଆନନ୍ଦ କହିଥିଲେ।

ମୁଁ କେବଳ ଦୀପ ଜଳାଇବା , ଫିତା କାଟିବାକୁ ଆସିନି। ମୁଁ ଆସିଛି ଆପଣମାନଙ୍କ ସହ ମୋର ପ୍ରତିବଦ୍ଧତା ଓ ଭାବପ୍ରବଣ କଥା ବାଣ୍ଟିବା ପାଇଁ ଆସିଛି। ପିଲାମାନଙ୍କର ଚିନ୍ତାଶକ୍ତି କିପରି ବିକଶିତ ହେବ, ସେଥିପାଇଁ ସାହାଯ୍ୟ କରିବାକୁ ଆସିଛି। ଆମ ପିଲାମାନେ ଯେକୌଣସି ପୃଷ୍ଠଭୂମିରୁ ଆସନ୍ତୁ, ତାଙ୍କର ଶିଖିବା ଓ ଭାବିବା କ୍ଷମତା ଏତେ ବିକଶିତ ହୁଏ ଯେ ସେମାନେ ଇଂଲଣ୍ଡ, ଆମେରିକାରେ ଯାଇ କାମ କରନ୍ତି। ଭାଷା କେବେ ମଧ୍ୟ ବାଧା ହୁଏ ନାହିଁ।ଏଠାରେ ଥିବା ଶିକ୍ଷକବୃନ୍ଦ ଓ ଅଭିଭାବକ କହିବାକୁ ଚାହେଁ,ଯଦି ପିଲା ନିଜେ ପଢ଼ି କିଛି ନୂଆ ଶିଖିବା ଶିଖିଯାଏ, ତେବେ ବୁଝିବେ ସେ ଆଗକୁ ବଢ଼ିଗଲା। ଉକ୍ତ ସ୍କୁଲ ସହ ମିଶି ଗୋଟିଏ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରିବାକୁ ଯାଉଛୁ, ଯାହା ପାଇଁ ଶୁଳ୍କ ନେଇନାହିଁ ଯାହା ଦ୍ୱାରା ଏହି ଭବନର ଇତିହାସ ପୁଣିଥରେ ଲେଖାଯିବ। ଏହି ସ୍କୁଲ ଇତିହାସ ତିଆରି କରୁ, ବହୁତ ଉନ୍ନତି କରୁ। ସ୍କୁଲର ମହତ୍ତ୍ୱ କେବଳ ଭଲ ପଢ଼ା ପାଇଁ ନୁହେଁ, ବରଂ ସେଠାରୁ ପଢ଼ିଥିବା ପିଲା କେତେ ବଡ଼ ମଣିଷ ହେଇଛି ସେଥିପାଇଁ ଗର୍ବ କରିବ।

ଶିକ୍ଷକ ହୁଅନ୍ତୁ କି ପିତାମାତା ପିଲାଙ୍କ ସହ ଦୋସ୍ତିର ହାତ ବଢ଼ାନ୍ତୁ। ଦୋସ୍ତିର ସମ୍ପର୍କ ପିଲାକୁ ଭଲ ମଣିଷ ହେବାକୁ ଖୋରାକ ଯୋଗାଇ ଥାଏ ବୋଲି ଶ୍ରୀଯୁକ୍ତ ଆନନ୍ଦ ଅଭିଭାବକ ମାନଙ୍କୁ କହିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆକାଶ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଡ଼ଃ ଅଜୟ ବାହାଦୁର ସିଂହ ସମ୍ମାନିତ ଅତିଥି, ମେୟର ସୁବାସ ସିଂ, ବିଧାୟିକା ସୋଫିଆ ଫିର୍ଦୌଷ, ବିଜେପି ନେତା ନୟନ କିଶୋର ମହାନ୍ତି, ସମାଜର ପ୍ରକାଶକ ରାଜେନ୍ଦ୍ର ଜେନା, ପରାମର୍ଶ ବୋର୍ଡ ସଦସ୍ୟ ଡଃ ହରେକୃଷ୍ଣ ଶତପଥୀ, ପ୍ରଭାକର ସ୍?ାଇଁ, ଅନୁପମ ପାତ୍ର, ସମୀର ପରିଜା, ଅନୁପମ ଭଗତ ପ୍ରମୁଖ ଉପସ୍ଥିତ ଥିଲେ। ସେଣ୍ଟ ଜାଭିୟର୍ସ ଏଜୁକେଶ୍ନାଲ ଟ୍ରଷ୍ଟର ଅଧ୍ୟକ୍ଷ ଡକ୍ଟର ପ୍ରଭୁ ଚରଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ଅନୁଷ୍ଠିତ ଏହି ସମାରୋହରେ ସ୍ନିଗ୍ଧା ମହାନ୍ତି, ଶୁଭେନ୍ଦୁ ଶେଖର ସ୍ୱାଇଁ, ସମ୍ୟକ ମହାନ୍ତି, ସାମର୍ଥ ମହାନ୍ତି ଓ ଆୟଶା ଦାସଙ୍କ ସହଯୋଗରେ ସଫଳତାର ସହ ଶେଷ ହୋଇଥଲା।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ :
୦୧.୦୧.୧୯୨୦
(ଗୁରୁବାର)

ତିରୋଧାନ :
୧୫.୦୧.୨୦୨୬
(ଗୁରୁବାର)

ଏଗୁରୁବାରି ମହାନ୍ତି (୧୦୬ ବର୍ଷ)

ଗ୍ରାମ: ମମାନିପୁର, ବାମନବିନ୍ଧା, ପିରହାଟ, ଜିଲ୍ଲା- ଭଦ୍ରକ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟବପରାୟଣତା, ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ। ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇ ରହିବ। ଆପଣଙ୍କ ଏକାଦଶାହ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ

Son- Gopal, Kailash, Kartika, Prahallad, Rabindra, Ramachandra, Rabi; Daughter- Laxmi, Kamali; Daughter-In-Law: Sudhapani, Nirupama, Kanchan, Puspa, Manorama, Tilotama; Grandson & Daughters- Mama, Lilu, Lipu, Dipu, Sini, Sonu, Chiku, Lipa, Dipa, Mamuni, Bulu, Tutunu, Ajata, Ranju, Babu, Lucy, Susmita; Nephew- Nila, Shanti; Great Grandson & Daughter - Barun, Shlok, Advik, Adidev, Jaga, Barsha, Chiki, Miku, Friends & Family

# କଟକ ସିଟି





### ମନଇଚ୍ଛା ରହଣୀ କରୁଛି 'ଆମ ବସ୍'

## ଚିହ୍ନଟ ୧୫୩ ସ୍ଥାନରେ ପ୍ରତୀକ୍ଷାଳୟ ନିର୍ମାଣ କେବେ

କଟକ, ୨୪ ।୧ (ସମିସ): କଟକ ସହରରେ ଆମ ବସ୍ ଯାତ୍ରୀଙ୍କ ପାଇଁ ଆବଶ୍ୟକ ପ୍ରତୀକ୍ଷାଳୟ ନଥିବାରୁ ଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି କେଉଁଠି ଗଛ ମୂଳ ତ ଆଉ କେଉଁଠି ପୁରୁଣା ପ୍ରତୀକ୍ଷାଗୃହ ଗୁଡିକ ଯାତ୍ରୀ ମାନଙ୍କ ପାଇଁ ଅପେକ୍ଷା ସ୍ଥଳୀ ପାଲଟିଛି । ବିଭିନ୍ନ ରୁଟରେ ଚଳାଚଳ କରୁଥିବା ଆମ ବସ ଗୁଡିକ ରାସ୍ତାରୁ ମନ ଇଚ୍ଛା ଯାତ୍ରୀ ଉଠାଉଥିବା ଜଣାପଡିଛି । ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଜଣାପଡିଛି । ସହରରେ ଯଦିଓ ୫ବର୍ଷ ପୂର୍ବରୁ ୫୨ଟି ଯାତ୍ରୀ ପ୍ରତୀକ୍ଷାଳୟ ଗୁଡିକର ନବୀକରଣ କରାଯାଇଥିଲା ଏବେ କିନ୍ତୁ ଅଧିକାଂଶ ପ୍ରତୀକ୍ଷାଳୟ ଅବସ୍ଥା ଶୋଚନୀୟ ହୋଇପଡିଛି । ଆମ ବସ ଯାତ୍ରୀ ମାନଙ୍କ ପାଇଁ ଅଧିକ ସଂଖ୍ୟାରେ ପ୍ରତୀକ୍ଷାସ୍ଥଳ ଚିହ୍ନଟ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିର୍ମାଣ ଆରମ୍ଭ କରାଯାଇପାରିନି । ସହରରେ କ୍ରୁଟ (କ୍ୟାପିଟାଲ ଅର୍ବାନ ରୋଡ ଟ୍ରାନସପୋର୍ଟ) ଅଧିନରେ ୧୦୦ରୁ ଅଧିକ ଆମ ବସ ସେବା ଯୋଗାଇ ଦେଇଆସୁଛି । କାଠଯୋଡି ଓ ମହାନଦୀ ରିଙ୍ଗ ବନ୍ଧରେ ଏହିପରି ଅନେକ ଯାତ୍ରୀ ବିଶ୍ରାମାଗାର ରହିଛି ଯାହା ଥାଇ ନଥିବା ଭଳି । କଟକ ମହାନଗର ନିଗମ ପକ୍ଷରୁ ଯାତ୍ରୀ ପ୍ରତୀକ୍ଷାଳୟ ଗୁଡିକ ପିପିପି ଜରିଆରେ ନିର୍ମାଣ କରାଯାଇଥିଲା । ବେଶ୍ ଆକର୍ଷଣୀୟ ହୋଇଥିବା ଏହି ଯାତ୍ରୀ ବିଶ୍ରାମାଗାରର ଚେୟାର ଭାଙ୍ଗିରୁଜି ଯାଇଥିଲା ବେଳେ ଏହା ଭିତରେ ପାଦ ପକାଇବାକୁ ଡର ଲାଗୁଛି । ତେବେ କ୍ରୁଟ ପକ୍ଷରୁ କଟକ ସହରର ୧୫୩ଟି ସ୍ଥାନରେ ବସ୍ଷ୍ଟପ ତଥା ପ୍ରତୀକ୍ଷାଗୃହ ଗୁଡିକ ନିର୍ମାଣ କରାଯିବ ବୋଲି ହାଇକୋର୍ଟରେ ରିପୋର୍ଟ ପ୍ରଦାନ କରାଯାଇଛି । କଟକ ମହାନଗର ନିଗମ ଅଞ୍ଚଳରେ ଥିବା ଯାତ୍ରୀ ବିଶ୍ରାମାଗାର ଗୁଡିକକୁ ଆମ ବସ୍ ଯାତ୍ରୀମାନେ ବ୍ୟବହାର କରୁଛନ୍ତି । ଅନ୍ୟପଟରେ ବସ୍ଷ୍ଟପ ଗୁଡିକରେ ସମୟ ନିର୍ଘଣ୍ଟ ଲେଖା ସମ୍ବଳିତ ସାଇନ୍ ବୋର୍ଡ ରଖିବାର ନିୟମ ଥିଲେ ମଧ୍ୟ ଏହାକୁ ପାଳନ କରାଯାଇନଥିବାର ପରିଲକ୍ଷିତ ହୋଇଛି । ଫଳରେ କେଉଁ ରୁଟ୍ ବସ୍ କେତେବେଳେ ଆସିବ ସେ ସଂକ୍ରାନ୍ତରେ ଯାତ୍ରୀମାନେ ସୂଚନା ପାଇପାରୁନାହାନ୍ତି ।

## ୩ ଘଣ୍ଟା ମଧ୍ୟରେ ଗୋଟିଏ ପରିବାରରୁ ୨ ଜଣଙ୍କ ମୃତ୍ୟୁ

ଭଦ୍ରେଶ୍ୱର,୨୪ ।୧ (ସମିସ): ମୃତ୍ୟୁ କେତେବେଳେ ଆସିବ କାହାକୁ ଜଣା ନଥାଏ । କିନ୍ତୁ ଜଣେ ସଂସାରରୁ ବିଦାୟ ନେବାର ମାତ୍ର କେଇଘଣ୍ଟା ଭିତରେ ସେହି ପରିବାରରୁ ଆଉ ଜଣଙ୍କ ଦେହାନ୍ତ ଘଟିବା ଭଳି ଦୁଃଖଦ ଘଟଣା ଘଟିଛି ମାହାଙ୍ଗା ନିର୍ବାଚନ ମଣ୍ଡଳୀର କୁହୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଧଉଳିଆ ଗ୍ରାମରେ । ଗ୍ରାମର ମୁରବୀ, ବର୍ଷିଆନ ସମାଜସେବୀ ରାଧାନାଥ ରାଉତଙ୍କ ଶନିବାର ପୂର୍ବାହ୍ନରେ ପରଲୋକ ଘଟିବା ଖବର ପାଇବା ପରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ଅନ୍ତିମ ଦର୍ଶନ କରିଥିଲେ । ମୃତ୍ୟୁର ୩ ଘଣ୍ଟା ମଧ୍ୟରେ ତାଙ୍କ ପୁତୁରା ବୋହୂ ହେମଲତା ରାଉତଙ୍କ ଦେହାନ୍ତ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା ।

ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଧଉଳିଆ ଗ୍ରାମରେ ପହଞ୍ଚି ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏଥିସହ ସାମାଜିକକର୍ମୀ ଅଖିଳେଶ ମହାନ୍ତି, ହେମନ୍ତ ପ୍ରଧାନ, ସୁବାସ ବେହେରା, ଗୟାଧର ସାହୁ, ବେଣୁଧର ସାମଲ, ପ୍ରଦୋଷ ସାମଲ, ଚନ୍ଦ୍ରମଣି ଧଳ, ପ୍ରଦୀପ୍ତ ସାମଲ, ଭାଗ୍ୟଧର ରାଉତ, ଭାଗ୍ୟଧର ସାମଲ, ପ୍ରଫୁଲ୍ଲ ରାଉତ, ବଂଶୀଧର ରାଉତ, ସମିରଣ ରାଉତ, ସିର୍ଷାନନ୍ଦ ସାମଲ, ମାଗୁଣି ସାମଲ, ଶରତ ରାଉତ, ସୁବାସ ଖୁଣ୍ଟିଆ, ଅରୁଣ ରାଉତ, ଅକ୍ଷୟ ରାଉତ, ତୁଷାର ମହାନ୍ତି, ଅଶୋକ ରାଉତ, ଗଣେଶ୍ୱର ରାଉତ, ଚକ୍ରଧର ରାଉତ, ପ୍ରମୁଖ ସାମିଲ ହୋଇଥିଲେ ।

## ଶୌଚାଳୟ ବିବାଦକୁ ନେଇ ଗଣ୍ଡଗୋଳ; ୭ ଗିରଫ

କଟକ,୨୪ ।୧(ସମିସ): ପୁରୀଘାଟ ଥାନା ଅନ୍ତର୍ଗତ ବାଉରୀସାହିରେ ଥିବା ଏକ ସର୍ବସାଧାରଣ ଶୌଚାଳୟକୁ ନେଇ ଲାଗିରହିଥିବା ଉତ୍ତେଜନାରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏହି ଘଟଣାରେ ପୁଲିସ ଉଭୟ ପକ୍ଷର ୭ ଜଣଙ୍କୁ ଗିରଫ କରିଛି । ଉଭୟ ପକ୍ଷ ମାରଣାସ୍ତ୍ରରେ ପରସ୍ପରକୁ ଆକ୍ରମଣ କରିଥିବା ଅଭିଯୋଗ ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

ପୁଲିସ ସୂଚନା ଅନୁଯାୟୀ, ପୁରୀଘାଟ ଥାନା ଅନ୍ତର୍ଗତ ବାଉରିସାହି ଉପର ତେଲେଙ୍ଗାବଜାରରେ ଏକ ସର୍ବସାଧାରଣ ଶୌଚାଳୟ ରହିଛି । ଏହି ଶୌଚାଳୟକୁ ନେଇ ସାହିର ବର୍ଷା ଦାସ ଓ ବାସନ୍ତୀ ନାୟକ ଦୁଇପକ୍ଷଙ୍କ ମଧ୍ୟରେ ଗତ ୨୨ ତାରିଖରୁ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା । ଶନିବାର ଯାଏ ବସ୍ତିରେ ଶୌଚାଳୟ ଯିବାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦ ଲାଗି ଆସିଛି । ବସ୍ତିରେ ଗୋଟିଏ ପ୍ରକାର ଗୋଷ୍ଠୀ ସଂଘର୍ଷ ଚାଲିଆସିଥିଲା । ଏହି ମାମଲାରେ ପୁରୀଘାଟ ଥାନାରେ ଉଭୟ ପକ୍ଷର ଦୁଇଟି ମାମଲା ରୁଜୁ ହୋଇଛି । ବର୍ଷାଙ୍କ ଅଭିଯୋଗ ଆଧାରରେ ପୁଲିସ ବିଏନଏସର ଧାରା ୧୧୫(୨), ୧୨୬(୨), ୩(୫), ୩୫୧(୩)ରେ ଏକ ମାମଲା(କେସ୍ ନଂ ୩୩) କରି ବାସନ୍ତୀ ନାୟକ(୪୫), ସୁଜିତ ଦାସ(୩୮), କବିତା ଦାସ(୩୦)ଙ୍କୁ ଗିରଫ କରିଛି । ବର୍ଷା ୨୩ ତାରିଖ ସକାଳେ ଶୌଚାଳୟରୁ ଫେରୁଥିବା ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା । ସେହିଭଳି ବାସନ୍ତୀଙ୍କ ଅଭିଯୋଗ ଆଧାରରେ ବିଏନ୍ଏସ୍‌ର ଧାରା ୧୧୫(୨), ୧୨୬(୨), ୩(୫), ୭୬ରେ ମାମଲା(କେସ୍ ନଂ ୩୨) ରୁଜୁ କରି ଟୁକୁ ଦାସ(୫୫), ପଦ୍ମ ଦାସ(୪୭), ବର୍ଷା ଓରଫ ଠୁଇଁ ଦାସ(୨୧), ପଙ୍କଜ ଦାସ(୨୭) ଗିରଫ ହୋଇଛନ୍ତି । ବାସନ୍ତୀଙ୍କୁ ଅଭିଯୁକ୍ତମାନେ ୨୩ ତାରିଖରେ ରାସ୍ତାରେ ଉଲଗ୍ନ କରି ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ସେ ଆହତ ହୋଇଥିବା ନେଇ ଅଭିଯୋଗ ପରେ ପୁରୀଘାଟ ଥାନା ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି ।

## ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ବାର୍ଷିକୀ



କଟକ,୨୪ ।୧(ସମିସ): ବକ୍ସି ଜଗବନ୍ଧୁଙ୍କ ୧୯୭ ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ମେୟର ସୁବାସ ସିଂହ ବକ୍ସିବଜାର ଛକରେ ଥିବା ବକ୍ସି ଜଗବନ୍ଧୁଙ୍କ ଅବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ସିଏମ୍‌ସି କମିଶନର କିରଣଦୀପ କୌର ସହୋତା, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଏ ଶ୍ରୀଦେବୀ, କର୍ପୋରେଟର ଲିଜାରାଣୀ ରାଉତ, ଚନ୍ଦନ ଜେନା, ସତ୍ୟରାମ ସାହୁ, ଏବଂ ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଏବଂ ଯୁବକ ଓ ଯୁବତୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଡ୍ରିମ୍ସ ନର୍ସିଂ ସ୍କୁଲରେ ଆନ୍ତର୍ଜାତିକ ସମ୍ମିଳନୀ

## 'ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ'



କଟକ, ୨୪ ।୧(ସମିସ): ନର୍ସିଂ ହେଉଛି ସ୍ୱାସ୍ଥ୍ୟସେବାର ମେରୁଦଣ୍ଡ ସଦୃଶ । ସୁତରାଂ ଏ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଲାଗି ଆଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଓ ଗବେଷଣାର ଆବଶ୍ୟକତା ରହିଛି । ଏ ସବୁଥିରେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦିଆଯିବା ଜରୁରୀ । ଡ୍ରିମ୍ସ ନର୍ସିଂ ସ୍କୁଲ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ସମ୍ମିଳନୀରେ ବିଶିଷ୍ଟ ଗବେଷକ ଓ ନର୍ସିଂ ସେବାରେ ନିୟୋଜିତ ଶିକ୍ଷାବିତ୍ ଓ ପରାମର୍ଶଦାତା ଏପରି ମତବ୍ୟକ୍ତ କରିଛନ୍ତି । 'ଗବେଷଣାର ରୂପରେଖ, ନୈତିକତା, ତଥ୍ୟ ଓ ଡିଜିଟାଲାଇଜେସନ୍‌ର ବିକଶିତ ଦୃଶ୍ୟପଟ୍ଟ' ପ୍ରସଙ୍ଗ ଉପରେ ଆୟୋଜିତ ଏହି ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀରେ ଦେଶ ବିଦେଶର ବହୁ ଗବେଷକ, ଶିକ୍ଷାବିତ୍ ଓ ନର୍ସିଂ ବୃତ୍ତିଧାରୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ନର୍ସେସ ଓ ମିଡ୍‌ୱାଇଫ ରେଜିଷ୍ଟ୍ରେସନ୍ କାଉନ୍‌ସିଲ (ଓଏନ୍‌ଏମ୍‌ଆରସି)ର କୁଳସଚିବ ଲକ୍ଷ୍ମୀପ୍ରିୟା ମିଶ୍ର ମୁଖ୍ୟ ଅତିଥି, ଏମ୍ସ (ଭୁବନେଶ୍ୱର) ନର୍ସିଂ କଲେଜର ଅଧ୍ୟକ୍ଷା ଡ. ଆଶା. ପି ସେଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗବେଷଣାକୁ ଅଧିକ ଫଳପ୍ରଦ କରିବା ଲାଗି ଏଭଳି ସମ୍ମିଳନୀର ଯଥେଷ୍ଟ ଗୁରୁତ୍ୱ ରହିଛି ଓ ଯୁବ ଗବେଷକମାନେ ଏହାର ସୁଯୋଗ ନେବା ଦରକାର ବୋଲି କହିଥିଲେ । ଉଦ୍‌ଯାପନୀ ଉତ୍ସବରେ ପୌରହିତ୍ୟ କରି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମ୍ମିଳନୀର ନିଷ୍କର୍ଷର ସର୍ବୋତ୍କୃଷ୍ଟ ଉପଯୋଗ ଲାଗି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । କୁଳପତି ପ୍ରଫେସର୍ ଡ. ପ୍ରକାଶ କୁମାର ହୋତା ଗବେଷଣାରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ରେଜିଷ୍ଟ୍ରାର ଡ. କୃଷ୍ଣ ପ୍ରସାଦ ପତି ଶିକ୍ଷା ଓ ଗବେଷଣା ମାନବ ସମାଜର କଲ୍ୟାଣ ଅଭିମୁଖୀ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ । ଡ୍ରିମ୍ସ ନର୍ସିଂ ସ୍କୁଲର 'ଡିନ୍' ଡ. ପ୍ରଥିମା ପ୍ରକାଶମ୍ ସ୍ୱାଗତଭାଷଣ ଓ ସହକାରୀ 'ଡିନ୍' ଏନ୍ ପ୍ରେମଲତା ଦେବୀ ଧନ୍ୟବାଦ ଦେଇଥିଲେ ।

ସମ୍ମିଳନୀରେ ଓମାନ୍, ମସ୍କଟ୍, ରିୟାଦ୍ ସମେତ ଦେଶର ୨୦ଟି ରାଜ୍ୟରୁ ୮୫୦ ପ୍ରତିନିଧି ଯୋଗ ଦେଇଥିବା ବେଳେ ୧୦୦ଟି ପ୍ରସଙ୍ଗ ଭିତ୍ତିକ ନିବନ୍ଧ ଉପସ୍ଥାପିତ ହୋଇଥିଲା । ପ୍ରାଧ୍ୟାପିକା ରିମି ସରକାର ଓ ପ୍ରାଧ୍ୟାପିକା ଶିବା ଅନୀତାରାଣୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର୍ ସୁଶାନ୍ତ କୁମାର ଦାସ, 'ପଦ୍ମିନୀ କେୟାର୍'ର ପରିଚାଳନା ନିର୍ଦ୍ଦେଶିକା ନୀଳାଞ୍ଜନା ମୁଖାର୍ଜୀ, 'ଡିନ୍' ପ୍ରଫେସର୍ ଡା. ବିରଞ୍ଚି ନାରାୟଣ ମହାପାତ୍ର, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଡ. ବିଶ୍ୱରଂଜନ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ ।

## ଜୟ ଜଗନ୍ନାଥ କଲୋନୀ ଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ

କଟକ,୨୪।୧(ସମିସ): ଖାନନଗର ଖପୁରିଆ ଜୟ ଜଗନ୍ନାଥ କଲୋନୀ ଶ୍ରୀ ଜଗନ୍ନାଥ ମନ୍ଦିରର ଅଷ୍ଟାଦଶ ବାର୍ଷିକ ଉତ୍ସବ ଓ ଅଷ୍ଟମପ୍ରହାର ନାମଯଜ୍ଞ ଜାନୁୟାରୀ ୨୧ରୁ ଆରମ୍ଭ ହୋଇ ଜାନୁୟାରୀ ୨୩ ତାରିଖ ସାଧାରଣ ସଂପାଦକ ଆଦିକନ୍ଦ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମହାସମାରୋହରେ ଶେଷ ହୋଇଛି । ବିକ୍ରମ ଶତପଥୀଙ୍କ ଦ୍ୱାରା ଘୃତଯଜ୍ଞ ସମାହିତ ହୋଇଥିବାବେଳେ ଗୌରୀଚଣ୍ଡୀ କୀର୍ତ୍ତନ ମଣ୍ଡଳୀର ଆଦିକନ୍ଦ ବାବାଙ୍କ ଦ୍ୱାରା ଅଷ୍ଟମପ୍ରହର ନାମଯଜ୍ଞ ସମାହିତ ହୋଇଥିଲା । ଘୃତଯଜ୍ଞରେ ବିଜୟ ରାଉତରାୟ ଓ ବନସ୍ମିତା ରାଉତରାୟ କର୍ତ୍ତା କର୍ତ୍ତୀ ହୋଇଥିବାବେଳେ ନାମ ଯଜ୍ଞରେ କେଶବ ଚନ୍ଦ୍ର ବେହେରା କର୍ତ୍ତା କାର୍ଯ୍ୟ ନିର୍ବାହ କରିଥିଲେ । ଭାବଗ୍ରାହୀ ରାଉତ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ । ନବୀକରଣ କରାଯାଇଥିବା ଶ୍ରୀ ଜଗନ୍ନାଥଙ୍କ ତୁଳସୀ ବନକୁ ଉଦ୍‌ଘାଟନ କରିଥିଲେ ସୁନିଲ ସାହୁ । ମନ୍ଦିର ପରିଚାଳନା କମିଟି କୋଷାଧ୍ୟକ୍ଷ ନିର୍ମଳ ବାରିକ, ସହ ସମ୍ପାଦିକା ହରପ୍ରିୟା ମିଶ୍ର, ସଭ୍ୟ ମୋହନ ସେଠୀ, ରଞ୍ଜିତ ଚୌଧୁରୀ, ସାରଦା ସାହୁ, ଭକ୍ତସନ୍ଧ୍ୟା ଶତପଥୀ, ନିରଞ୍ଜନ ଦାଶ, ବିକାଶ ପାଟରା ପ୍ରମୁଖ ଉପସ୍ଥିତ ଥିଲେ । ଆଖପାଖ ଅଞ୍ଚଳରୁ ବହୁ ଭକ୍ତ ଏହି ଉତ୍ସବରେ ଯୋଗଦେଇଥିଲେ ।

## ଓଷ୍ଟା ବ୍ଲକ ସମ୍ପାଦକଙ୍କ କର୍ମଶାଳା ଓ ଆଲୋଚନାଚକ୍ର




କଟକ,୨୪ ।୧(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଦୁଇଦିନିଆ ବ୍ଲକ୍ ସଂପାଦକ କର୍ମଶାଳା ଓଷ୍ଟା ପରିସରରେ ଆୟୋଜିତ ହୋଇଯାଇଛି । ଓଷ୍ଟାର ପ୍ରାକ୍ତନ ସାଧାରଣ ସଂପାଦକ ବିବେକାନନ୍ଦ ଦାଶ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ମାଧ୍ୟମିକ ଶିକ୍ଷାପରିଷଦ ଓଡ଼ିଶା(ବୋଡର୍)ର ସଭାପତି ଶ୍ରୀକାନ୍ତ ତରାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଓଷ୍ଟାର ଅବଦାନ ପ୍ରଶଂସନୀୟ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ବୋଡର୍‌ର ପରୀକ୍ଷା ନିୟନ୍ତ୍ରକ ଧରଣୀଧର ପାତ୍ର ଯୋଗଦେଇଥିଲେ । ସଂଗଠନର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର ସଭାରେ ସଭାପତିତ୍ୱ କରିଥିଲେ । କର୍ମଶାଳାର ଦ୍ୱିତୀୟାର୍ଦ୍ଧରେ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ "ଆମେ ଓ ଆମ ସଂଗଠନ' ସମ୍ପର୍କରେ ଆଲୋଚନା ଉପସ୍ଥାପନ କରିଥିଲେ । ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ "ସଂଗଠନର ଅଭିବୃଦ୍ଧିରେ ବ୍ଲକ ସମ୍ପାଦକମାନଙ୍କର ଭୂମିକା' ସଂପର୍କରେ ବିସ୍ତୃତ ଆଲୋଚନା ରଖିଥିଲେ । ଶୈକ୍ଷିକ କମିଟି ସଂପାଦକ ପ୍ରଣବ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର "ଓଷ୍ଟାର ଆର୍ଥିକ ଅଭିବୃଦ୍ଧିରେ ବ୍ଲକ ସମ୍ପାଦକମାନଙ୍କର ଭୂମିକା' ସଂପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସଭାପତି ଶ୍ରୀ ମିଶ୍ର 'ଆମ ବ୍ୟବସ୍ଥା ଓ ଆମେ' ଶୀର୍ଷକରେ ଆଲୋଚନା ରଖିଥିଲେ । ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି 'ଆମେ ଓ ଆମ ମୁଖପତ୍ର' ଶୀର୍ଷକରେ ଆଲୋଚନା କରିଥିଲେ ।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



କଟକ,୨୪ ।୧(ସମିସ): ଖ୍ରୀଷ୍ଟ କଲେଜରେ ଛାତ୍ରୀମାନଙ୍କର ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଆଠଦିନ ବ୍ୟାପୀ ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି । ଏହି ଉତ୍ସବରେ ସଭାପତିତ୍ୱ କରି ଅଧ୍ୟକ୍ଷା ମଧୁମିତା ପାତ୍ର କହିଲେ ଯେ ସାଂପ୍ରତିକ ପରିସ୍ଥିତିରେ ଛାତ୍ରୀମାନେ ନିଜର ସୁରକ୍ଷା ପାଇଁ ଏଭଳି ପ୍ରଶିକ୍ଷଣ ଶିବିରରେ ଭାଗ ନେଇ ନିରାପଦରେ ବଂଚିବା ପାଇଁ ଆଗେଇ ଆସିବା ଦରକାର । ଉପାଧ୍ୟକ୍ଷା ଡଃ କ୍ଷଣପ୍ରଭା ନନ୍ଦ ଛାତ୍ରୀ ଆତ୍ମସୁରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ । +୩ ୧ମ ବର୍ଷ ଛାତ୍ରୀ ଆତ୍ମସୁରକ୍ଷା କ୍ଲବର ସଂଯୋଜିକା ଡଃ କବିତା ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଟ୍ରେନର୍ ସୃଷ୍ଟି ମିଶ୍ର ଓ ପ୍ରିୟଦର୍ଶିନୀ ଦାସ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ବିଷୟରେ ତାଲିମ ପ୍ରଦାନ କରିଥିଲେ । ଏକଶହ ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ କାର୍ଯ୍ୟକୁ ପରି.ଳନା କରିଥିଲେ ଡଃ ମିତାଲି ମିଶ୍ର ଓ ଶ୍ରୀମତୀ ମିତାଞ୍ଜଳୀ ଜେଠୀ । ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରୀମତୀ ରିଙ୍କୁ ମହାପାତ୍ର । ଆତ୍ମରକ୍ଷା କମିଟିର ସଦସ୍ୟା ଅଧ୍ୟାପିକା ସଞ୍ଜୁ ଶର୍ମା, ସସ୍ମିତା ରଣସିଂହ, ବିଶ୍ୱରୂପା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରି.ଳନା କରିଥିଲେ ।

## ୫ଲକ୍ଷ ଟଙ୍କାର ଠକେଇ; ଥାନାରେ ଏତଲା

କଟକ,୨୪ ।୧(ସମିସ): ଋଣ କରାଇବା ନାଁରେ ଜଣେ ସରକାରୀ କର୍ମଚାରୀଙ୍କଠାରୁ ଠକେଇ ହୋଇଛି । ପ୍ରାୟ ୫ ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ଲାଲ୍‌ବାଗ ଥାନାରେ ମାମଲା ରୁଜୁ ହୋଇଛି । ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

ପୁଲିସ ସୂଚନା ଅନୁସାରେ, ସାହାବଜାଦା ବଜାରର ପୁରୁଷୋତ୍ତମ ରେଡ୍ଡି ଜଣେ ସରକାରୀ କର୍ମଚାରୀ । କିଛି ଦିନ ପୂର୍ବରୁ ହଠାତ୍ ଜଣେ ବ୍ୟକ୍ତି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍‌ର କର୍ମଚାରୀ ପରିଚୟ ଦେଇ ତାଙ୍କୁ ଫୋନ୍ କଲେ । ସରକାରୀ କର୍ମଚାରୀଙ୍କୁ ବ୍ୟାଙ୍କ୍ କମ୍ ସୁଧରେ ଋଣ ଦେଉଛି । ପ୍ରାୟ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳିପାରିବ ବୋଲି ସେହି ବ୍ୟକ୍ତି ଜଣକ କହିଲେ । ଏଥିରେ ଶ୍ରୀ ରେଡ୍ଡି ରାଜି ହୋଇ ଋଣ ଆବେଦନ କରିବାକୁ କିଛି କାଗଜପତ୍ର ପ୍ରଦାନ କଲେ । ତେବେ କିଛି ଦିନ ପରେ ଉକ୍ତ ବ୍ୟକ୍ତି ଜଣକ ଜଣାଇଲା ଯେ, ଆପଣଙ୍କର ୫ ଲକ୍ଷ ଟଙ୍କା ଋଣ ମଞ୍ଜୁର ହୋଇଛି ଓ ଏହା ଆକାଉଣ୍ଟକୁ ଆସିବ । ଏଥିରୁ ପ୍ରାୟ ୨୧ ହଜାର ଟଙ୍କା ପ୍ରୋସେସିଂ ଫିସ୍ ବାବଦରେ କଟିବ ବୋଲି କୁହାଗଲା । ଏହି କଥା ଶୁଣିବାରୁ ଶ୍ରୀ ରେଡ୍ଡି ଋଣ ନେବାକୁ ମନା କଲେ । ଯଦି ୫ ଲକ୍ଷ ସିଧା ଆକାଉଣ୍ଟକୁ ନଆସିବ ତାହାଲେ ମୁଁ ଋଣ ନେବନି ବୋଲି ଜଣାଇଦେଲେ । ହେଲେ ଏହାର କିଛି ଦିନ ପରେ ସେ' ଜାଣିବାକୁ ପାଇଲେ ଯେ, ତାଙ୍କ ନାଁରେ ୪ ଲକ୍ଷ ୭୯ ହଜାର ଟଙ୍କାର ଋଣ କରାଯାଇ ଆକାଉଣ୍ଟକୁ କ୍ରେଡିଟ୍ କରାଯାଇଛି ଓ ପରେ ତାହାକୁ ପୁଣି କେହି ଉଠାଇ ନେଇଛି । ଏହା ଜାଣିବା ପରେ ସେ ଏକ ବଡ଼ ଠକେଇରେ ପଡ଼ିଥିବା ଜାଣି ତୁରନ୍ତ କଟକ ସାଇବର ଥାନାରେ ଏତଲା ଦାୟର କଲେ । ସାଇବର ଥାନା ପୁଲିସ ଏହାକୁ ଲାଲ୍‌ବାଗ ଥାନାକୁ ପଠାଇବା ପରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ବ୍ୟାଙ୍କ୍‌ଠାରୁ କିଛି ତଥ୍ୟ ପୁଲିସ ମଗାଇଛି । ଏହି ଠକେଇ ପଛରେ ବ୍ୟାଙ୍କ୍‌ର କର୍ମଚାରୀ ଥିବା ପୁଲିସ ସନ୍ଦେହ କରୁଛି । ଖୁବ୍‌ଶୀଘ୍ର ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଲାଲ୍‌ବାଗ ଥାନା ପୁଲିସ ସୂଚନା ଦେଇଛି ।

### ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ରିଲେ ଧାରଣା ଜାରି

## ଦାବି ପୂରଣ ନ ହେଲେ କଲେଜ ବର୍ଜନ ଚେତାବନୀ



କଟକ,୨୪।୧(ସମିସ): ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ଜୋର ଧରିବାରେ ଲାଗିଛି । ଗୋଟିଏ ପଟେ ଶୈଳବାଳା ପ୍ରତି ସରକାରଙ୍କ ଉଦାସୀନ ଥିବାବେଳେ ଅନ୍ୟ ପକ୍ଷରେ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଅଟଳ ଅଛନ୍ତି ଛାତ୍ରୀ ସମାଜ । ଆଜି ଚତୁର୍ଥ ଦିନର ରିଲେ ଧାରଣାରେ ଶୈଳବାଳା କ୍ୟାମ୍ପସ ମଧ୍ୟରେ ଧାରଣା ଦେଇଛନ୍ତି ଛାତ୍ରୀ ଗୋଷ୍ଠୀ । କଲେଜରେ ମୌଳିକ ସୁବିଧା ସୁଯୋଗ ଯୋଗାଇବା ସହ ସରକାର ଯଥାଶୀଘ୍ର ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରନ୍ତୁ ବୋଲି ଛାତ୍ରୀମାନେ ଦାବି କରିଛନ୍ତି । ଏଥିସହ ଶୈଳବାଳା ପରି ଐତିହ୍ୟ ସଂପନ୍ନ ମହାବିଦ୍ୟାଳୟକୁ ଆଜି ଯାଏ କଣ ପାଇଁ ସରକାର ବିଶ୍ୱବିଦ୍ୟାଳୟ ମାନ୍ୟତା ଦେଇନାହାନ୍ତି ବୋଲି ଛାତ୍ରୀମାନେ ପ୍ରଶ୍ନ କରିଛନ୍ତି ।

ଯଦି ସରକାର ସେମାନଙ୍କ ଦାବି ପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଆଗାମୀ ଦିନରେ ଛାତ୍ରୀଙ୍କ ପକ୍ଷରୁ କଲେଜ ବର୍ଜନ ପାଇଁ ଚେତାବନୀ ଦେଇଛନ୍ତି । ଆଜିର ଧାରଣାରେ ଅହଲ୍ୟା ସୟ, ମୁମୁଲୁ ଜେନା, ମାହେଶ୍ୱରୀ ପଟ୍ଟନାୟକ, ବିଜୟିନୀ ମିଶ୍ର, ସୁଚିତ୍ରା ସେଠୀ, ମିଲି ମୁଣ୍ଡ, ରୁପାଲି ନାଏକ, ତପସ୍ୱିନୀ ପିଙ୍ଗୁଆ, ପ୍ରିୟଙ୍କା ପାତ୍ର, ଆଂଚଲ ଶାଶ୍ୱତୀ, ସମୀକ୍ଷା ଦାଶ, ପ୍ରୀୟଙ୍କା ଦାସ, ବିଜୟିନୀ ନାଟୁଆ, ମୌସୁମୀ ମହନ୍ତ, ସୁଦେଷ୍ଣା ସେଠୀ, ମାମୁନି ରାଓ, ସମରିନ୍ ଇଆଜ୍, ଅଙ୍କିତା ପରିଜା, ସିମରାନ ଶର୍ମା, ସ୍ମୀତାରାଣୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

### ଶୈଳବାଳା ପୁରାତନ ଛାତ୍ରୀ ସଂଘର ବୈଠକ

## 'ବିଶ୍ୱବିଦ୍ୟାଳୟ ମାନ୍ୟତା ନ ଦେବା ଅସ୍ମିତା ପ୍ରତି ଅପମାନ'

କଟକ,୨୪।୧(ସମିସ): ରାଜ୍ୟର ସର୍ବପ୍ରଥମ ମହିଳା ମହାବିଦ୍ୟାଳୟ ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଦିଗରେ ବିଳମ୍ବ ନେଇ ଉଦ୍‌ବେଗ ପ୍ରକାଶ ପାଇଛି ।



ଆଜି ଏ ନେଇ ଶୈଳବାଳା ମହାବିଦ୍ୟାଳୟ ପୁରାତନ ଛାତ୍ରୀ ସଂଘ ପକ୍ଷରୁ କଲେଜ ଅଡିଟୋରିୟମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଭାପତିତ୍ୱ କରିଥିଲେ ପୁରାତନ ଛାତ୍ରୀ ସଂଘର ସଭାନେତ୍ରୀ ପ୍ରଫେସର ଗୋପା ଦାସ । ଓଡ଼ିଆ ଅସ୍ମିତା କହିଲେ ମଧୁ ବାବୁଙ୍କୁ ବୁଝାଏ । ମଧୁବାବୁଙ୍କ ହାତଗଢ଼ା ଶିକ୍ଷାନୁଷ୍ଠାନ ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାନଯିବା ଓଡ଼ିଆ ଅସ୍ମିତା ପ୍ରତି ଅପମାନ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଭାବେ ପ୍ରଫେସର ନିତ୍ୟାନନ୍ଦ ଦାସ, ମୁଖ୍ୟବକ୍ତା ଭାବେ ଛାତ୍ରୀ ସଂଘର ସଂପାଦିକା ପୁଷ୍ପା ସାମଲ, ବରେଣ୍ୟ ଅତିଥି ଭାବେ ଡ. ସତ୍ୟକାମ ମିଶ୍ର, ଡ. ନଟବର ଶତପଥୀ, ସମ୍ମାନିତ ଅତିଥି ଭାବେ ମଧୁସ୍ମୃତି ସୁରକ୍ଷା ମଞ୍ଚର ସଂପାଦକ ସନ୍ତୋଷ ମହାରଣା ଯୋଗଦେଇଥିଲେ । ଜାଗୃତ ଓଡ଼ିଶା ଆଇନଜୀବୀ ମଞ୍ଚର ଆବାହକ ଅଧିବକ୍ତା ଜଗନ୍ନାଥ ମହାନ୍ତି ଛାତ୍ରୀମାନଙ୍କୁ ଏକଜୁଟ ହୋଇ ସଂଗ୍ରାମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଶେଷରେ ଛାତ୍ରୀ ସଂଘର ଯୁଗ୍ମ ସଂପାଦିକା କୁମକୁମ୍ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ନୂତନ ଓ ପୁରାତନ ସମେତ ବହୁ ଛାତ୍ରୀ ଯୋଗ ଦେଇଥିଲେ ।

# ନାହିଁ ନାହିଁରେ ଚାଲିଛି ଚୌଦ୍ୱାର ଥାନା

## ଏତେ ବଡ଼ ଅଞ୍ଚଳକୁ ପୁଲିସ ଅଧିକାରୀଙ୍କ ସଂଖ୍ୟା ନଗଣ୍ୟ




**ଚୌଦ୍ୱାର,୨୪।୧(ସମିସ):** ନାହିଁ ନାହିଁରେ ଚାଲିଛି କମିଶନରେଟ ପୁଲିସର ଚୌଦ୍ୱାର ଥାନା। ଏହି ଥାନାର ପରିସୀମାକୁ ଦେଖିଲେ ଏଠାରେ ଆବଶ୍ୟକୀୟ ଫାଣ୍ଡି କିମ୍ବା କର୍ମଚାରୀ, ଅଧିକାରୀ ନ ଥିବା ଜଣାପଡ଼ିଛି। ଫଳରେ ଘଡ଼ିସନ୍ଧି ସମୟରେ ପୁଲିସ ଚାପରେ କାମ କରୁଥିବା ଦେଖିବାକୁ ମିଳିଛି। ଏହି ଥାନାର ପରିସୀମା ଭିତରେ ଉତ୍ତର ଦିଗରେ ୩୦ କିଲୋମିଟର ବ୍ୟାପ୍ତ ଥିବାବେଳେ ଦକ୍ଷିଣ ଦିଗରେ ୨୫ କିଲୋମିଟର ବ୍ୟାପିଛି। ସେହିଭଳି ପୂର୍ବ ଦିଗରେ ୮ କିଲୋମିଟର ରହିଥିବାବେଳେ ପଶ୍ଚିମ ଦିଗରେ ପ୍ରାୟ ୮ କିଲୋମିଟର ରହିଛି ଯାହା ୬୩.୩ ବର୍ଗ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ। ତେବେ ଏହି ଥାନା ଅଧୀନରେ ୧୫ଟି ଗ୍ରାମ ପଞ୍ଚାୟତ ଥିବାବେଳେ ୭୩ଟି ରାଜସ୍ୱ ଗ୍ରାମ ରହିଛି। ଏଥିସହିତ ଚୌଦ୍ୱାର ପୌରପାଳିକାର ୧୯ଟି ୱାର୍ଡ଼ ଅନ୍ତର୍ଭୁକ୍ତ। ଏହି ଥାନା ଅଞ୍ଚଳରେ ପ୍ରାୟ ୧.୫ ଲକ୍ଷ ଭୋଟର ଥିବାବେଳେ ୪ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରନ୍ତି। ଏହି ଥାନା ଅଧୀନରେ ଉଡ଼ାଣ ଗବେଷଣା କେନ୍ଦ୍ର (ଏଆରସି) ସହିତ ଇମ୍ଫା ଶିଳ୍ପାନୁଷ୍ଠାନ, ଡମଡମଣୀ ପିକ୍‌ନିକ୍ ସ୍ପଟ, ଚୌଦ୍ୱାର ମଣ୍ଡଳ କାରାଗାର, ବହୁଚର୍ଚ୍ଚିତ ଓଟିଏମ ଶିଳ୍ପାନୁଷ୍ଠାନ ସହିତ ବାଣିପଦା ଶିଳ୍ପାଞ୍ଚଳ ରହିଛି। ଏଥିସହିତ ୫୫ନମ୍ବର ଜାତୀୟ ରାଜପଥ ଏହି ଥାନା ଅଞ୍ଚଳ ଦେଇଯାଇଛି। ଏହି ଥାନା ୧୯୬୭ ମସିହାରେ ପ୍ରତିଷ୍ଠା ଲାଭ କରିଥିବାବେଳେ ଏହାର ଗୁରୁତ୍ୱ ଏବେ ବଢ଼ିଯାଇଛି। ଏବେ ଏହି ଥାନା ଅଞ୍ଚଳରେ ବିଭିନ୍ନ ସମୟରେ ବହୁ ଅପରାଧିକ କାର୍ଯ୍ୟ ବଢ଼ିଥିବା ଯୋଗୁଁ ଥାନାର ଚାପ ମଧ୍ୟ ବଢୁଛି। ଏହି ଥାନାରେ ମାତ୍ର ଗୋଟିଏ ଫାଣ୍ଡି (ଟିପିଏମ) କାର୍ଯ୍ୟକ୍ଷମ ଥିବାବେଳେ ଚୌଦ୍ୱାର ଟିଓପି ଏବେ ଅଚଳ ହୋଇଯାଇଛି। ଫଳରେ ଥାନାର କର୍ମଚାରୀ ଓ ଅଧିକାରୀମାନେ ଏତେବଡ଼ ଅଞ୍ଚଳକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇ ପଡୁଛି। ଅନ୍ୟପକ୍ଷରେ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ଏହାକୁ ନିୟନ୍ତ୍ରଣ କରିବାକୁ ପ୍ରାଣପଣେ ଚେଷ୍ଟା ଚଳାଉଥିଲେ ମଧ୍ୟ ସାଧାରଣରେ ନିନ୍ଦିତ ହେଉଛନ୍ତି। ଯଦି ଏହି ଥାନା ଅଧୀନରେ ଏକାଧିକ ଫାଣ୍ଡି ପ୍ରତିଷ୍ଠା ସହ ଅଧିକ ସଂଖ୍ୟକ କର୍ମଚାରୀ ଓ ଅଧିକାରୀଙ୍କୁ ନିୟୋଜିତ କରାଯାଆନ୍ତା ତେବେ ବିଭିନ୍ନ ସମୟରେ ଠିକ୍ ଭାବରେ ଜନସାଧାରଣଙ୍କୁ ପୁଲିସ ପ୍ରଶାସନିକ ସେବା ମିଳିପାରନ୍ତା ବୋଲି ଆଲୋଚନା ହେଉଛି।

ତେବେ ମିଳିଥିବା ସୂଚନା ଅନୁଯାୟୀ ଏହି ଥାନାରେ ଆଇଆଇସିଙ୍କ ପଦବୀରେ ୨ଜଣ ନିଯୁକ୍ତି ପାଇଥିବାବେଳେ ସବଇନ୍ସପେକ୍ଟର ୪ଜଣଙ୍କ ସ୍ଥାନରେ ଏବେ ମାତ୍ର ୨ ଜଣ ରହିଛନ୍ତି। ସେହିଭଳି ଏଏସଆଇ ପଦବୀରେ ମୋଟ ୭ ଜଣଙ୍କ ନିଯୁକ୍ତି ଆବଶ୍ୟକ ଥିବାବେଳେ ଏବେ ମାତ୍ର ୫ଜଣ ରହିଛନ୍ତି। ତେବେ ଜଣେ ଏଏସଆଇଙ୍କ ବଦଳି ହେବା ନେଇ ସୂଚନା ମିଳିଛି। ପୁନଶ୍ଚ କନେଷ୍ଟବଳଙ୍କ ସଂଖ୍ୟା ୨୦ଜଣ ଆବଶ୍ୟକ ରହିଥିବାବେଳେ ଏବେ ୧୮ ଜଣ ମାତ୍ର ଅଛନ୍ତି। ଥାନାର ଗୋଟିଏ ପିସିଆର ଚାଲିଥିବାବେଳେ ୨ଜଣ ଏସପିଓ ରହିଛନ୍ତି। ମାତ୍ର ଥାନାରେ ନିଯୁକ୍ତି ଥିବା ହୋମଗାର୍ଡ଼ଙ୍କ କଥା ମଧ୍ୟ ନିଆରା। ଏପରିକି ପିସିଆର ଭ୍ୟାନରେ ଡ୍ୟୁଟି କରିବା ପାଇଁ ଆବଶ୍ୟକ ସଂଖ୍ୟକ ହୋମଗାର୍ଡ଼ ନ ଥିବାବେଳେ ଏଠାରୁ ଜଣେ ହୋମଗାର୍ଡ଼ଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏତେ ବଡ଼ ଅଞ୍ଚଳକୁ ନିୟନ୍ତ୍ରଣ କରିବା ପାଇଁ ଏକାଧିକ ପିସିଆର ଭ୍ୟାନର ଆବଶ୍ୟକତା ରହିଥିବାବେଳେ ଏଠାରେ କାର୍ଯ୍ୟକ୍ଷମ ଥିବା ୧୧୨ ଭ୍ୟାନ ଥାନା ଅଧିକାରୀଙ୍କୁ ସହଯୋଗ କରୁ ନ ଥିବା ମଧ୍ୟ ଅଭିଯୋଗ ଉଠୁଛି। ଥାନାରେ ବ୍ୟବହୃତ ଯାନବାହନଗୁଡ଼ିକ ଦୀର୍ଘ ଦିନ ଧରି ରହିଥିବାବେଳେ ଏବେ ତାହା ଅଚଳ ଅବସ୍ଥାକୁ ଆସିଗଲାଣି। ସେହିଭଳି ଥାନାର ଉତ୍ତର ଦିଗରେ ୩୦ କିଲୋମିଟର ଅଞ୍ଚଳ ରହିଥିବାରୁ ସେଠାରେ ଗୋଟିଏ ନୂତନ ଫାଣ୍ଡି ପ୍ରତିଷ୍ଠା କରାଯିବାର ଆବଶ୍ୟକ ରହିଛି। ଫଳରେ କୌଣସି ସୁବିଧା ଅସୁବିଧା ପାଇଁ ଜନସାଧାରଣ ୩୦ କିଲୋମିଟର ଆସିବାକୁ ପଡ଼ିବ ନାହିଁ। ତେଣୁ ଏହି ଅଞ୍ଚଳରେ ଜନସାଧାରଣଙ୍କୁ ଉନ୍ନତ ପୁଲିସ ସେବା ଯୋଗାଇ ଦେବା ନିମନ୍ତେ ପୁଲିସ କମିଶନର ତତ୍ପରତା ପ୍ରକାଶ କରିବା ସହ ଏହି ଥାନା ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆଲପି ଶିକ୍ଷା ଗୌରବ ସମ୍ମାନ ପ୍ରଦାନ ଉତ୍ସବ




**କଟକ,୨୪।୧(ସମିସ):** ଶତାବ୍ଦୀ ଭବନରେ ଆଲପି ଏଜୁକେସନ ଟ୍ରଷ୍ଟ ଲିଙ୍କରୋଡ ପକ୍ଷରୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତର ଶିକ୍ଷକମାନଙ୍କୁ ଶିକ୍ଷା ଗୌରବ ସମ୍ମାନରେ ଭୂଷିତ କରାଯାଇଛି। ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମହିଳା କମିଶନ ସଭ୍ୟ ଡଃ.କଳ୍ପନା ମଲ୍ଲିକ, ସମ୍ମାନିତ ଅତିଥିଭାବେ ବ୍ୟଙ୍ଗ କବି ଡଃ. ଧର୍ମଛଡ଼ା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୨୧ଜଣ ଶିକ୍ଷାବିତ୍‌ଙ୍କୁ ଶିକ୍ଷା ଗୌରବ ସମ୍ମାନ - ୨୦୨୬ ପ୍ରଦାନ କରାଯାଇଥିବା ବେଳେ ଶତାଧିକ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଲପି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିବା ବେଳେ କମେଡିଆନ ନବ କିଶୋରଙ୍କ ଦ୍ୱାରା କମେଡି ଦର୍ଶକମାନେ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ କେଶବ ଚନ୍ଦ୍ର ଭୂୟାଁ ମଞ୍ଚ ପରିଚାଳନା କରିଥିବା ବେଳେ ବିଶିଷ୍ଟ ଶିକ୍ଷାବିତ୍ ଗବେଷକ ଡଃ.ପ୍ରଭାତ ତ୍ରିପାଠୀ, ପ୍ରଶାନ୍ତ ଭାରତୀ, ପ୍ରକାଶ ଚନ୍ଦ୍ର ସାହୁ, ବିଜୟ ଦେବତା, ବିଜୟ ସାହୁ, ଆଶିଷ ପଡ଼ିଆରୀ, ଆଶିଷ କର ପ୍ରମୁଖ ଉପସ୍ଥିତ ଥିଲେ।

# 'ଏକତା: ଏକ ପରିବାର' ପକ୍ଷରୁ ମଶାଲ ଶୋଭାଯାତ୍ରା



**କଟକ,୨୪।୧(ସମିସ):** ସାରା ଦେଶ ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା କଟକ ମାଟିର ବରପୁତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମ ଜୟନ୍ତୀ ପାଳନ କରୁଥିବା ବେଳେ କଟକ ସହରରେ ଶୁକ୍ରବାର ସନ୍ଧ୍ୟାରେ ସ୍ୱେଚ୍ଛାସେବୀ ସଂଗଠନ 'ଏକତା: ଏକ ପରିବାର' ପକ୍ଷରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇ ସହରବାସୀଙ୍କ ମଧ୍ୟରେ ଦେଶପ୍ରେମର ବହ୍ନି ଜାଗ୍ରତ କରିଛି। ବାଙ୍କୀ ବିଧାୟକ ତଥା ସଂଗଠନର ଉପଦେଷ୍ଟା ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ବାହାରିଥିବା ଏହି ଶୋଭାଯାତ୍ରା ସ୍ଥାନୀୟ ସମାଜ କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇ ଓଡିଆ ବଜାର ସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟ ପର୍ଯ୍ୟନ୍ତ ଯାଇଥିଲେ। ଏହି ଶୋଭାଯାତ୍ରାରେ ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତିତ୍ୱମାନେ ଯୋଗଦେଇ ନେତାଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅତିଥି ଭାବେ ଡାକ୍ତର ଜୟନ୍ତ ପଣ୍ଡା, ଅନୁରାଗ ଭଗତ, ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ, ବିଶିଷ୍ଟ ସାହିତ୍ୟିକ ପ୍ରଭାସ ଆଚାର୍ଯ୍ୟ, ସଙ୍ଗୀତକାର କୁଳଦୀପ ପଟ୍ଟନାୟକ, ଟି. ସୌରୀ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଓଲିଉଡ ଅଭିନେତା ଅମ୍ଲାନ ଦାସ, ଅଭିନେତ୍ରୀ ରିୟା ଦେ ଏବଂ ଜାତୀୟ ଫୁଟବଲ ଖେଳାଳି ଗୋପବନ୍ଧୁ ସାହୁ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ବିଶାଳ କାର୍ଯ୍ୟକ୍ରମକୁ ଟି. ଜଗଦୀଶ ରାଓ, ସୟଦ୍ ଅବ୍ରାର ହୁସେନ, ମଧୁସୂଦନ ସେଠୀ ଏବଂ ପୀୟୂଷ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ



**କଟକ,୨୪।୧(ସମିସ):** ମଧୁସୂଦନ ରାଓଙ୍କ ଅନେକ କବିତାରେ ଭକ୍ତିଭାବ ତଥା ଆଧାତ୍ମିକତା ନିଛକ ଭାବରେ ପ୍ରକଟିତ। ଏଥିଯୋଗୁଁ ତାଙ୍କୁ ଯଥାର୍ଥରେ "ଭକ୍ତକବି" କୁହାଯାଏ। କବି ତଥା ଲେଖକ, ଶିକ୍ଷକ, ଶିକ୍ଷାବିତ୍, ସମାଜସେବୀ ଓ ସଂସ୍କାରକ ଭାବରେ ତାଙ୍କର ସୁଖ୍ୟାତି ରହିଛି। ଓଡିଆ ଜାତିର ଭାଷା, ସାହିତ୍ୟ, ସଂସ୍କୃତି ଓ ଶିକ୍ଷାର ବିକାଶ ଦିଗରେ ତାଙ୍କର ଅବଦାନ ଅତୁଳନୀୟ। "ବର୍ଣ୍ଣବୋଧ" ପୁସ୍ତକର ପ୍ରଣେତା ଭାବରେ ସେ ଓଡିଆମାନଙ୍କ ଘରେ ଘରେ ସୁପରିଚିତ। ତାଙ୍କର ନୀତି, ଆଦର୍ଶ ଓ କାର୍ଯ୍ୟଧାରା ଓଡିଆ ଜାତିକୁ କାଳକାଳ ଧରି ଅନୁପ୍ରାଣିତ କରି ଚାଲିବ ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଶ୍ରୀରାମଚନ୍ଦ୍ର ଭବନ ପରିସରରେ ଅନୁଷ୍ଠିତ ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ ଉତ୍ସବରେ ବିଶିଷ୍ଟ ସାହିତ୍ୟିକମାନେ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଆଲୋଚନା ସଭାରେ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସାଧାରଣ ସଂପାଦକ ରାଜୀବ କୁମାର ଷଡଙ୍ଗୀ, ସଂଗଠନ ସଂପାଦକ ଶଶିକାନ୍ତ ରାଉତ, ପୂର୍ବତନ ସଂଗଠନ ସଂପାଦକ ଡ. ସୁନାମଣି ରାଉତ, ପୃଷ୍ଠପୋଷକ ସଭ୍ୟ ଉମାଶଙ୍କର ମିଶ୍ର, ଆଜୀବନ ସଭ୍ୟ ଅରୁଣ ଅଗ୍ରୱାଲ, ବାବାଜୀ ଚରଣ ବେହେରା, ରଶ୍ମିରେଖା ସାହୁ, ଆକାଶ ଗୁପ୍ତା, ସୁମିତ୍ରା ବେହେରା, ଅଭିଳାଷ ବିଶ୍ୱାଳ ପ୍ରମୁଖ ଅଂଶଗ୍ରହଣ କରି ଓଡ଼ିଆ ଜାତି ପ୍ରତି ଭକ୍ତକବି ମଧୁସୂଦନଙ୍କ ବହୁବିଧ ଅବଦାନ ସଂପର୍କରେ ଆଲୋଚନା କରିଥିଲେ। କୋଷାଧ୍ୟକ୍ଷ ଦିଲ୍ଲୀପ ଦାସ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନ ପରିସରସ୍ଥ ଭକ୍ତକବି ମଧୁସୂଦନ ରାଓଙ୍କ ସମେତ ଅନ୍ୟ ସାରସ୍ୱତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଯୁବପିଢ଼ି




ଆଠଗଡ଼ରେ ନେତାଜୀଙ୍କ ଜୟନ୍ତୀ ଓ ମଶାଲ ଶୋଭାଯାତ୍ରା

**ଆଠଗଡ଼,୨୪।୧(ସମିସ):** ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନନ୍ୟ ଜ୍ୱଳନ୍ତ ବହ୍ନି ତଥା ଓଡ଼ିଶା ମା'ର ଦୁଇ ବରପୁତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ଆଠଗଡ଼ଠାରେ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି। ଆଠଗଡ଼ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କୁ ଦେଶପ୍ରେମର ମନ୍ତ୍ରରେ ଦୀକ୍ଷିତ ହେବାକୁ ଆହ୍ୱାନ ଦିଆଯାଇଛି। ଏହି ଅବସରରେ ଆଠଗଡ଼ ସହର ଉପକଣ୍ଠ ଅଟ୍ଟାଳୀ ଜଗନ୍ନାଥ ମନ୍ଦିର ନିକଟସ୍ଥ ରଥଗଡ଼ା ଛକଠାରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ସହର ପରିକ୍ରମା କରି ଲକ୍ଷ୍ମୀ ବଜାର ମଣ୍ଡପ ନିକଟରେ ପହଞ୍ଚିବା ପରେ ସେଠାରେ ନେତାଜୀଙ୍କ ଜୀବନୀ ଉପରେ ଆଧାରିତ ଏକ ପ୍ରାମାଣିକ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା। ଆଠଗଡ଼ ଏନ୍‌ଏସି ଛାତ୍ର ବିଜେଡି ସଭାପତି ମହମ୍ମଦ ଖାଲିଦଙ୍କ ଅଧ୍ୟକ୍ଷତାରେ ଏକ ସଚେତନ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନେତାଜୀଙ୍କ ଅନନ୍ୟ ଦେଶପ୍ରେମ, ସଂଘର୍ଷ, ସାଧନା ଓ ନିର୍ଭୀକତାର ଗାଥା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ନେତାଜୀଙ୍କ ସାହସ ଓ ନିର୍ଭୀକତା ଆଜିର ଯୁବ ସମାଜ ପାଇଁ ଶ୍ରେଷ୍ଠ ପ୍ରେରଣା। ଯୁବକମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଓ ଜାତିର ସେବାରେ ନିଜକୁ ନିୟୋଜିତ କରିବା ଆବଶ୍ୟକ। ସଭାରେ ମୁଖ୍ୟବକ୍ତା ଭାବେ ସାମ୍ବାଦିକ ସତ୍ୟ ପ୍ରସାଦ ରଥ ଏବଂ ସମ୍ମାନିତ ଅତିଥି ଭାବେ ଯୁବନେତା ପ୍ରଦୀପ୍ତ ଦାସ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ନେତା ରିଙ୍କୁ ପତ୍ରୀ, ଗିରିଜା ପ୍ରସାଦ ପରିଜା, ଦିନେଶ ପ୍ରଧାନ, ଜନ୍ମେଜୟ ଦାସ, ଶଶିକାନ୍ତ ସାହୁ, ବିନୋଦ ମାଝୀ, ତୋଫାନ ସାମଲ ଓ ମନୋଜ ଦଳେଇ ପ୍ରମୁଖ ଉଦବୋଧନ ଦେଇଥିଲେ। ପରିଶେଷରେ ଟିଗିରିଆ ବ୍ଲକ ବିଜେଡି ଛାତ୍ର ସଭାପତି ହିମାଂଶୁ ଶେଖର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ସହରର ବିଭିନ୍ନ ସ୍ଥାନରେ ନେତାଜୀ ଜୟନ୍ତୀ





### ରାମକୃଷ୍ଣ କୁଟୀର

**କଟକ,୨୪।୧(ସମିସ):** ବଙ୍ଗାଳି ସାହିସ୍ଥିତ ରାମକୃଷ୍ଣ କୁଟୀରରେ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜୟନ୍ତୀ ଉତ୍ସବରେ ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ, ତତ୍ତ୍ୱବଧାରକ ସୁଭାଷ ଚନ୍ଦ୍ର ସାହୁ, ସହସମ୍ପାଦକ ଭୁବନାନନ୍ଦ ମହାନ୍ତି, ବିଦ୍ୟୁତ କୁମାରୀ ଲାଲା, ବଦ୍ରିମୋହନ ରାଉତ ଓ ଅନ୍ତେବାସୀମାନେ ସୁଭାଷ ବୋଷଙ୍କ ଦେଶ ପାଇଁ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ତା'ଛଡା କୁଟୀରରେ ସରସ୍ୱତୀ ପୂଜା ମଧ୍ୟ କରାଯାଇଥିଲା।

### ମା' ବୁଢ଼ୀ ମଙ୍ଗଳା ବରିଷ୍ଠ ନାଗରିକ ସଂଘ

ମା' ବୁଢ଼ୀ ମଙ୍ଗଳା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ନେତାଜୀ ଜୟନ୍ତୀ କଲେଜ ଛକ ଠାରେ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଫେସର ଡାକ୍ତର ପ୍ରଫୁଲ୍ଲ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କଲେଜ ଛକ ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ହରିନାରାୟଣ ବେବର୍ତ୍ତାଙ୍କ ସହିତ ସ୍ଥାନୀୟ କର୍ପୋରେଟର ଶୁଭାଶିଷ ପଟ୍ଟନାୟକ, ଇଂ ଧୀରେନ୍ଦ୍ର ବିଶ୍ୱାଳ, ଅକ୍ଷୟ ସାହୁ, ବୀରକିଶୋର ଜେନା, ନରେନ୍ଦ୍ର ଚୌଧୁରୀ, ପ୍ରଫୁଲ୍ଲ ଲେଙ୍କା, ପ୍ରସନ୍ନ ଲେଙ୍କା, ରାଜକିଶୋର ବେହେରା ପ୍ରମୁଖ ଯୋଗଦେଇଥିଲେ ଓ ଶେଷରେ ଅନୁଷ୍ଠାନର ସମ୍ପାଦକ ପ୍ରିୟ ରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଭାରତୀୟ କମ୍ୟୁନିଷ୍ଟ ପାର୍ଟି

ଭାରତୀୟ କମ୍ୟୁନିଷ୍ଟ ପାର୍ଟି କଟକ ମହାନଗର କମିଟି ପକ୍ଷରୁ ନେତାଜୀ ଜୟନ୍ତୀ ଅବସରରେ ସ୍ଥାନୀୟ କଲେଜଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ଓ ଓଡ଼ିଆ ବଜାରସ୍ଥିତ ଜନ୍ମପୀଠରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସିପିଆଇ କାର୍ଯ୍ୟକାରିଣୀ ସଦସ୍ୟ ସାଥି ଅମରେନ୍ଦୁ ମହାନ୍ତି, ମହାନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ବରିଷ୍ଠ କମ୍ୟୁନିଷ୍ଟ ନେତା ଅଶୋକ ତା, ଶ୍ରମିକ ନେତା କିଶୋର ଜେନା, ବିନୋଦ ବେହେରା, ହରିହର ମହାନ୍ତି, ଇପଟା ସାଧାରଣ ସମ୍ପାଦକ ସୁଶାନ୍ତ ମହାପାତ୍ର ଓ ଇସକଫ ସାଧାରଣ ସମ୍ପାଦକ ସଞ୍ଜୟ ପରିଜା ପ୍ରମୁଖ ଅଂଶଗ୍ରହଣ କରି ନେତାଜୀଙ୍କ ପ୍ରତି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଏଆଇଡିଏସଓ

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୩୦ତମ ଜୟନ୍ତୀ ଉପଲକ୍ଷେ କଲେଜ ଛକ ଠାରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଛାତ୍ର ସଂଗଠନ ଏଆଇଡିଏସଓ ପକ୍ଷରୁ ମାଲ୍ୟଦାନ କରାଯିବା ସହ ନେତାଜୀଙ୍କ ଉପରେ ରଚିତ ସଙ୍ଗୀତ ପରିବେଷଣ କରାଯାଇଥିଲା ଏବଂ ସଭା ଅନୁଷ୍ଠିତ ହୋଇଥିଲା। ସଂଗଠନର ଜିଲ୍ଲା ସଭାପତି ଇସା ଧର, ଉପ-ସଭାପତି ଶିବାନୀ ସାହୁ, ସମ୍ପାଦକ ତରୁଣସେନ ନାୟକ, ସମ୍ପାଦକ ମଣ୍ଡଳୀ ସଦସ୍ୟ ଅମରେନ୍ଦ୍ର ନାୟକ, ଜ୍ୟୋତ୍ସ୍ନା ରାଣୀ ଦାସ, ସରୋଜ ମାନସିଂହ ଜିଲ୍ଲା କମିଟି ସଭ୍ୟ ସତ୍ୟବ୍ରତ ମୁଦୁଲି, ରାଜେଶ ନାୟକ, ସରୋଜ ବେହେରା, ଏଆଇଡିଏସଓ ରେଭେନ୍ସା ବିଶ୍ୱବିଦ୍ୟାଳୟ କମିଟି ପକ୍ଷରୁ ସମ୍ପାଦକ ଗାୟତ୍ରୀ ସାହୁ, ଉପ-ସଭାପତି କସକ ଜେନା, ମହିଳା ସଂଗଠନ ଏଆଇଏମଏସ୍‌ଏସ୍ ପକ୍ଷରୁ ସ୍ୱାଧୀନ ବେହେରା, କିଶୋର ସଂଗଠନ କମସୋମଲ ପକ୍ଷରୁ ସୁଶ୍ରୀ ସର୍ଜନା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

### ନ୍ୟୁ ଷ୍ଟିୱାର୍ଟ ସ୍କୁଲ

ମିଶନ ରୋଡ ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲରେ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ବିଦ୍ୟାଳୟର ଅଧକ୍ଷ ରେଭେରେଣ୍ଡ ମୋଯେଶ ମହାନ୍ତିଙ୍କ ପୌରହିତ୍ୱରେ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ବିଦ୍ୟାଳୟର ଅଧକ୍ଷ ରେଭେରେଣ୍ଡ ମୋଯେଶ ମହାନ୍ତି ପ୍ରାରମ୍ଭିକ ପ୍ରାର୍ଥନା କରିଥିଲେ। ବିଦ୍ୟାଳୟର ଛାତ୍ର ପ୍ରତୀକ ସେନାପତି ଇଂରାଜୀ, ଶ୍ରେୟାନ୍ସ ସରଣ୍ୟ ଓଡ଼ିଆ ଓ ଛାତ୍ରୀ ତନଓଜ ଫଓଟିମା ହିନ୍ଦୀରେ ଓଡିଶାର ଦୁଇ ବୀର ପୁତ୍ର ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କର ଜୀବନୀ ବୃତାନ୍ତ ବ୍ୟାଖ୍ୟା କରିଥିଲେ। ବିଦ୍ୟାଳୟର ସ୍କେଟିଂ ଦଳଙ୍କ ଦ୍ୱାରା ସମର କୌଶଳ ପ୍ରଦର୍ଶନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସଂଯୋଜିକା ସୁମିତ୍ରା ପଣ୍ଡା, ଶିକ୍ଷୟିତ୍ରୀ ଆଭା ବିଶ୍ୱାଳ, ଆକ୍ଟିଭିଟି ସଂଯୋଜକ ଆଲୋକ ପ୍ରକାଶ ସାହୁ, ବରିଷ୍ଠ ଶିକ୍ଷୟିତ୍ରୀ ସୁଲତା ବେହେରା, ସ୍କାଉଟ ମାଷ୍ଟର ପ୍ରେମାଶିଷ ଜେନା, ଗାଇଡ଼ ଶିକ୍ଷୟିତ୍ରୀ ବର୍ଷା ବିଶ୍ୱାସ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନାରେ ସାହାର୍ଯ୍ୟ କରିଥିଲେ। କାର୍ଯ୍ୟକ୍ରମକୁ ଛାତ୍ର ରଣବୀର ପ୍ରକାଶ ସାହୁ ଓ ଛାତ୍ରୀ ସୃଷ୍ଟି ନାୟକ ଉପସ୍ଥାପନା କରିଥିଲା ବେଳେ ଛାତ୍ରୀ ଫାୟିକା ସମିନ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍କାଉଟ ଗାଇଡ ଛାତ୍ରଛାତ୍ରୀଙ୍କ ସହିତ ସମସ୍ତ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

### ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପରାକ୍ରମ ଦିବସ ଅଧକ୍ଷା ଡଃ ସ୍ନେହଲତା ମିଶ୍ରଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀ ନୃସିଂହ ଚରଣ ପାତ୍ର, ପୂର୍ବତନ ସଭାପତି ଇଞ୍ଜିନିୟର ରଘୁନାଥ ପ୍ରସାଦ ଦାସ ଉପସ୍ଥିତ ରହି ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପକ ଡ. ହେମନ୍ତ ପରିଡ଼ା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ସଂପର୍କରେ ପିଲାମାନଙ୍କୁ ଅବଗତି କରାଇଥିଲେ। ଏହି ଉତ୍ସବରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ପିଲାମାନେ ଉପସ୍ଥିତ ଥିଲେ। ସ୍ୱାମୀ ବିବେକାନନ୍ଦ ଜୟନ୍ତୀରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ନେତାଜୀ ଜୟନ୍ତୀ ଅବସରରେ ପରାକ୍ରମ ଦିବସ ଭାବେ ଶେଷ ହୋଇଛି। ପରିଶେଷରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ସଞ୍ଜୟ ରାଉତ ଧନ୍ୟବାଦ ଦେଇଥିଲେ।

### ମଧୁ ବାରିଷ୍ଟର ଆଇନଜୀବୀ ସଂଘ

ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କର ୧୨୯ତମ ଜୟନ୍ତୀ ଉପଲକ୍ଷେ ମଧୁ ବାରିଷ୍ଟର ଆଇନଜୀବୀ ସଂଘ ତରଫରୁ ନେତାଜୀଙ୍କର ଜୟନ୍ତୀ ପାଳନ କରାଯାଇଥିଲା। ସେଇ ପରିପ୍ରେକ୍ଷୀରେ ଅନୁଷ୍ଠାନର ଆବାହକ ତଥା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି କଲେଜ ଛକ ସ୍ଥିତ ନେତାଜୀଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କର ସ୍ମୃତିଚାରଣ କରିଥିଲେ। ଅତିଥି ରୂପେ ଶିକ୍ଷାବିତ ବଂଶୀଧର ପରିଡା, ମଧୁ ବାରିଷ୍ଟର ଆଇନଜୀବୀ ସଂଘର ସଭାପତି ସଂଗ୍ରାମ କେଶରୀ ଦାସ, ସମ୍ପାଦକ ଗଗନ ବାରିକ, ସହ ସମ୍ପାଦକ ଲକ୍ଷ୍ମୀ ନାରାୟଣ ମିଶ୍ର, ପଙ୍କଜ ଜଟି, ଅଶୋକ ବାରିକ, ନିରଞ୍ଜନ ବେହେରା, ରୋହିତ ରଞ୍ଜନ ସ୍ୱାଇଁ, ପ୍ରଭାତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ନେତାଜୀଙ୍କର ସ୍ମୃତିଚାରଣ କରିଥିଲେ।








## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୧.୬୩ ● ପାଉଣ୍ଡ ୧୨୩.୩୯
- ୟୁରୋ ୧୦୭.୪୬ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୫୬,୯୯୦ (ଭୁବନେଶ୍ୱର)
- ରୁପା : ୩,୪୧,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୫୩୭.୦୦
- ନିଫ୍ଟି ୨୫,୦୪୮.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଆଇଏମ୍ଏଫ୍‌ର ବଡ଼ ଚେତାବନୀ

# ନିଯୁକ୍ତି ବଜାରରେ ସୁନାମି ଆଣିବ ଏଆଇ

**ଡାଭୋସ, ୨୪।୧ (ଏଜେନ୍ସି):** ବିଶ୍ୱରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କାୟା ବିସ୍ତାର କରିବାରେ ଲାଗିଛି। ଏହି ଏଆଇ ଦ୍ରୁତଗତିରେ ଲୋକଙ୍କ ନିଯୁକ୍ତି ଖାଇବାରେ ଲାଗିଛି। ଏହି ପ୍ରଯୁକ୍ତିବିଦ୍ୟା ବେକାରୀ ସୃଷ୍ଟି କରିଚାଲିଛି। ଏପରି ସମୟରେ ଏଆଇକୁ ନେଇ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ବଡ଼ ଚେତାବନୀ ଦେଇଛି। ଆଗାମୀ ଦିନରେ ନିଯୁକ୍ତି ବଜାରରେ ଏଆଇ ସୁନାମି ଆଣିବ। ଏହା ବିଶ୍ୱରୁ ୪୦ ପ୍ରତିଶତ ଏବଂ ବିକଶିତ ଦେଶରୁ ୬୦ ପ୍ରତିଶତ ନିଯୁକ୍ତି ଖାଇଯିବ ବୋଲି ସ୍ୱିଜରଲାଣ୍ଡର ଡାଭୋସରେ ଆୟୋଜିତ ବିଶ୍ୱ ଆର୍ଥିକ ମଞ୍ଚ (ଡବ୍ଲ୍ୟୁଇଏଫ)ରୁ ଆଇଏମଏଫର ପ୍ରବନ୍ଧ ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜିଓରଜିଭା କହିଛନ୍ତି। ତାଙ୍କ ମତରେ, ଏହି ଏଆଇ ନିଯୁକ୍ତି ବଜାରରେ ହଇଚଇ ସୃଷ୍ଟି କରିବ। ଏହାର ସର୍ବାଧିକ ପ୍ରଭାବ ମଧ୍ୟବିତ୍ତ ଏବଂ ଯୁବ କର୍ମଚାରୀଙ୍କ ଉପରେ ପଡ଼ିବ।

ଆଇଏମଏଫର ଅଧ୍ୟୟନ ଅନୁଯାୟୀ, ଆଗାମୀ ଦିନରେ ବିକଶିତ ଦେଶର ୬୦ ପ୍ରତିଶତ ନିଯୁକ୍ତି ଏଆଇ ଦ୍ୱାରା ପ୍ରଭାବିତ ହେବ। ଏହି ନିଯୁକ୍ତିକୁ ବନ୍ଦ କିମ୍ବା ବଦଳାଇ ଦିଆଯାଇପାରେ। ଏଆଇ କିଛି ନିଯୁକ୍ତିକୁ ଅଧିକ ମଜବୁତ ମଧ୍ୟ କରିପାରେ। ପୂର୍ବରୁ କିଛି କର୍ମଚାରୀଙ୍କ ଦରମା ଏବଂ ଦକ୍ଷତା ମଧ୍ୟ ବୃଦ୍ଧି ପାଇଛି। ମାତ୍ର କ୍ରିଷ୍ଟାଲିନା ଚେତାବନୀ ଦେଇଛନ୍ତି ଯେ ଯଦି ସରକାର ଏବଂ କମ୍ପାନୀ ଏହି ପରିବର୍ତ୍ତନକୁ ଭଲ ଭାବେ



ନ ସମ୍ଭାଳନ୍ତି ତେବେ ଧନୀ-ଗରିବ ବ୍ୟବଧାନ ଅଧିକ ବୃଦ୍ଧି ପାଇବ। ସୂଚନା ଅନୁଯାୟୀ, ବିକଶିତ ଦେଶରେ ମାତ୍ର ୧୦ ପ୍ରତିଶତ ନିଯୁକ୍ତି ଏଆଇ ଦ୍ୱାରା ମଜବୁତ ହୋଇଛି। ଏହା ଦ୍ୱାରା ଅଧିକ ବେତନ ମିଳୁଥିଲେ ବି ଅଧିକାଂଶଙ୍କ ଚାକିରି ଯାଇଛି। ମାତ୍ର କ୍ରିଷ୍ଟାଲିନା କହିଛନ୍ତି ଯେ 'ଏଣ୍ଟ୍ରି ଲେଭୁଲ ଜବ' ତଥା ପ୍ରାରମ୍ଭିକ ସ୍ତରର ଚାକିରି ପାଇଁ ଏଆଇ ବଡ଼ ବିପଦ ସୃଷ୍ଟି କରିପାରେ। ଏହି କ୍ଷେତ୍ରରେ ଅଧିକାଂଶ ଯୁବ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି। ଅଟୋମେଶନ ଯୋଗୁଁ ଏହି ନିଯୁକ୍ତି ସର୍ବାଧିକ ଶିକାର ହୋଇପାରେ। ଯେଉଁ ସବୁ କାମକୁ ଉଚ୍ଛେଦ କରିଦିଆଯାଉଛି ସେଥିରୁ ଅଧିକାଂଶ ପ୍ରାରମ୍ଭିକ ସ୍ତରର। ଏଥିପାଇଁ ଯୁବ ପିଢିଙ୍କୁ ଭଲ ସ୍ଥିତି ମିଳିବା କାଠିକର ହୋଇଯିବ। ସେହିପରି ଯେଉଁ କର୍ମଚାରୀଙ୍କ କାର୍ଯ୍ୟ ଏଆଇ ଦ୍ୱାରା

- ▶▶ ବିଶ୍ୱରେ ୪୦%, ବିକଶିତ ଦେଶରେ ୬୦% ନିଯୁକ୍ତି ଖାଇଯିବ
- ▶▶ ମଧ୍ୟବିତ୍ତ ଓ ଯୁବବର୍ଗଙ୍କ ଉପରେ ପଡ଼ିବ ସର୍ବାଧିକ ପ୍ରଭାବ
- ▶▶ ଧନୀ-ଗରିବ ତାରତମ୍ୟ ଅଧିକ ବୃଦ୍ଧି ପାଇବ

ପ୍ରଭାବିତ ହେବେନି ସେମାନଙ୍କ ଦରମା ଉପରେ ଚାପ ବଢ଼ିବ। କାରଣ ଏଆଇ ଦ୍ୱାରା ଦ୍ରୁତଗତିରେ କାମ ହେବ, କିନ୍ତୁ କର୍ମଚାରୀ ସେତେ ମାତ୍ରାରେ ସକ୍ଷମ ହେବେନାହିଁ। ଏପରି ନ ହଲେ ଦରମା ସ୍ଥିର କିମ୍ବା ହ୍ରାସ ପାଇପାରେ। ଏଭଳି ସ୍ଥିତିରେ ମଧ୍ୟବିତ୍ତ ଶ୍ରେଣୀ ଉପରେ ପ୍ରଭାବ ପଡ଼ିବ।

କ୍ରିଷ୍ଟାଲିନା ଚିନ୍ତା ପ୍ରକାଶ କରି କହିଛନ୍ତି ଯେ ଏଆଇ ଯେଉଁ ଭଳି ଭାବରେ ପଡ଼ି ଚାଲିଛି ସେହିପରି ଭାବେ ସରକାର ନିୟମ ଏବଂ ସୁରକ୍ଷା ଉପାୟ କରିପାରୁ ନାହାନ୍ତି। ଏ ଦିଗକୁ ଧ୍ୟାନ ନ ଦେଲେ ଅସମାନତା ବଢ଼ିବ। ଶ୍ରମିକ ସଂଗଠନଗୁଡ଼ିକ ମଧ୍ୟ ଏଭଳି ଚିନ୍ତା ପ୍ରକଟ କରିଛନ୍ତି। ଏଆଇର ଫାଇଦା ସମସ୍ତଙ୍କୁ ସମାନ ଭାବେ ନ ମିଳିଲେ ବିପଦ ବଢ଼ିବ। ତେଣୁ ସମ୍ପୂର୍ଣ୍ଣ ଅର୍ଥବ୍ୟବସ୍ଥାକୁ ଏହାର ଲାଭ ମିଳିବା ପାଇଁ ପଦକ୍ଷେପ ନେବାକୁ ହେବ। ଡାଭୋସରେ ଅନ୍ୟ ନେତା ମଧ୍ୟ ଏଆଇକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଯଦି ଏଆଇର ଲାଭ କିଛି ଶକ୍ତିଶାଳୀ କମ୍ପାନୀ ମଧ୍ୟରେ ସୀମିତ ରହିବ ତେବେ ସମାଜ ଏହାକୁ ସ୍ୱୀକାର କରିବନି। ୟୁରୋପୀୟ ସେଣ୍ଟ୍ରାଲ ବ୍ୟାଙ୍କର ଅଧ୍ୟକ୍ଷ କ୍ରିଷ୍ଟିନ ଲେଗାର୍ଡ କହିଛନ୍ତି ଯେ ଭୂ-ରାଜନୈତିକ ଉତ୍ତେଜନା ଏବଂ ବ୍ୟବସାୟରେ ଥିବା ସମସ୍ୟା ଏଆଇର ବିକାଶକୁ ମନ୍ଥର କରିପାରେ। ଏହା ବିଶ୍ୱରେ ଅସମାନତା ବଢ଼ାଇପାରେ।

### ଆରବିଆଇ ରିପୋର୍ଟ

# ରାଜ୍ୟଗୁଡ଼ିକର ବିତ୍ତୀୟ ନିଅଣ୍ଟ ୩% ପାର୍

**ନୂଆଦିଲ୍ଲୀ, ୨୪।୧ (ଏଜେନ୍ସି):** ଭାରତୀୟ ରାଜ୍ୟଗୁଡ଼ିକର ବିତ୍ତୀୟ ନିଅଣ୍ଟ ପୁଣି ବୃଦ୍ଧି ପାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ କ୍ଷତି ବଢ଼ି ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୩.୩ ପ୍ରତିଶତ ପାର୍ କରିଯାଇଛି। ଗତ ତିନି ବର୍ଷ ହେଲା ଏହା ତିନି ପ୍ରତିଶତରୁ କମ୍ ଥିଲା। ମାତ୍ର ଆଶ୍ୱସ୍ତିର ବିଷୟ ଏହି କି ଯେ ବିତ୍ତୀୟ ନିଅଣ୍ଟ ବଢ଼ିବା ପଛରେ ଖରାପ ଆର୍ଥିକ ସ୍ଥିତିର କୌଣସି ଭୂମିକା ନାହିଁ। ବିକାଶ କାର୍ଯ୍ୟ (ପୁଞ୍ଜିଗତ ନିବେଶ) ପାଇଁ କେନ୍ଦ୍ର ସରକାର ଦେଇଥିବା ୫୦ ବର୍ଷର ସୁଧ ମୁକ୍ତ ଋଣ ପାଇଁ ବିତ୍ତୀୟ ନିଅଣ୍ଟ ବୃଦ୍ଧି ପାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଆରବିଆଇ ରିପୋର୍ଟରେ ଏହା କୁହାଯାଉଛି। ରିପୋର୍ଟ ଅନୁଯାୟୀ, ବିତ୍ତୀୟ ନିଅଣ୍ଟ ସୀମା ୩ ପ୍ରତିଶତ ପାର କରିବା ଖରାପ ଆର୍ଥିକ ପରିଚାଳନାକୁ ଦର୍ଶାଉ ନାହିଁ। ପୁଞ୍ଜିଗତ ନିବେଶ ପାଇଁ ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ସହାୟତା ଯୋଜନାରେ ମିଳିଥିବା ସୁଧ ମୁକ୍ତ ଋଣକୁ ଦର୍ଶାଉଛି। ଏହି ଋଣ ରାଜ୍ୟଗୁଡ଼ିକର ସ୍ୱାଭାବିକ ନିଟ୍ ଋଣ ସୀମାରୁ ଉପରେ ରହିଛି। ବିତ୍ତୀୟ ନିଅଣ୍ଟ ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଛି।

ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ମଧ୍ୟ ରାଜ୍ୟଗୁଡ଼ିକ ନିଜର ମୋଟ ବିତ୍ତୀୟ ନିଅଣ୍ଟକୁ ୩.୩ ପ୍ରତିଶତରେ ରଖିବାକୁ ସ୍ଥିର କରିଛନ୍ତି। ମାତ୍ର ଏହି ସମୟରେ ରାଜସ୍ୱ ବ୍ୟୟକୁ ନିୟନ୍ତ୍ରଣ କରି ଖର୍ଚ୍ଚ ସରଞ୍ଜନାରେ ସୁଧାର ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟର ମୋଟ କାରବାରରେ ଏହି ରିପୋର୍ଟ ଯୁଗ୍ମ ଏବଂ ସକରାତ୍ମକ ସଙ୍କେତ ଦେଉଛି। ପୂର୍ବରୁ ପରିବର୍ତ୍ତିତ ଜନସଂଖ୍ୟା ସ୍ଥିତି କେମିତି ରାଜ୍ୟର ରାଜକୋଷକୁ ପ୍ରଭାବିତ କରୁଛି ସେ ବିଷୟରେ ଆରବିଆଇ ଏକ ରିପୋର୍ଟ ପ୍ରକାଶ କରିଥିଲା। ଜନସଂଖ୍ୟାକୁ ଆଧାର କରି ରାଜ୍ୟଗୁଡ଼ିକୁ ନିଜ ସ୍ଥିତି ମଜବୁତ କରିବା ପାଇଁ ଅଲଗା ଅଲଗା ରଣନୀତି ଆପାଣାଇବାକୁ କେନ୍ଦ୍ରୀୟ ବ୍ୟାଙ୍କ ପରାମର୍ଶ ଦେଇଛି।

# ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡର 'ଆର୍ଟିଷ୍ଟ୍ରି ଶୋ'




**ଭୁବନେଶ୍ୱର, ୨୫।୧ (ଏଜେନ୍ସି):** ଦେଶର ସୁନା ଏବଂ ହୀରାର ବୃହତ୍ତ ରିଟେଲ ଚେନ୍ ମଧ୍ୟରୁ ଅନ୍ୟତମ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ ପକ୍ଷରୁ ସହିଦନଗର ସ୍ଥିତ ଶୋ'ରୁମରେ 'ଆର୍ଟିଷ୍ଟ୍ରି ଶୋ' ଆରମ୍ଭ କରାଯାଇଛି। ଏହା ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ ପାରମ୍ପରିକ ଏବଂ ସମସାମୟିକ ଡିଜାଇନର ବ୍ୟାପକ ସମ୍ଭାର ସହିତ ହସ୍ତଶିଳ୍ପ ଅଳଙ୍କାରର ସୂକ୍ଷ୍ମ କାରଗରୀ ପ୍ରଦର୍ଶିତ କରାଯାଉଛି। ଏହି ଆର୍ଟିଷ୍ଟ୍ରି ଶୋ'କୁ ଓଲିଉଡ ଅଭିନେତ୍ରୀ ପୁନମ ମିଶ୍ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡର ପରିଚାଳନା ଟିମ୍ ଉପସ୍ଥିତ ଥିଲେ। ଆର୍ଟିଷ୍ଟ୍ରି ଶୋ'ରେ ପ୍ରଦର୍ଶିତ ପ୍ରତ୍ୟେକ ଅଳଙ୍କାର ଅନନ୍ୟ ଏବଂ ଭାରତୀୟ ଡିଜାଇନର ଉତ୍କୃଷ୍ଟ କଳା ଏବଂ ଦକ୍ଷ ହସ୍ତଶିଳ୍ପର କାହାଣୀ କହୁଛି। ଏହି ସମ୍ଭାରରେ ଅତ୍ୟନ୍ତ ନିଖୁଣତା ସହିତ ପ୍ରସ୍ତୁତ ଡିଜାଇନ୍ ଏବଂ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ମାଇନ୍ ଡାଇମଣ୍ଡ ଜୁଏଲାରୀ, ଏରା ଅନକଟ୍ ଡାଏମଣ୍ଡ, ପ୍ରିସିଆ ରତ୍ନପଥର ଅଳଙ୍କାର, ଏଥନିକ୍ସ ହ୍ୟାଣ୍ଡକ୍ରାଫ୍ଟେଡ ଜୁଏଲାରୀ, ଭିରାଜ ରୟାଲ୍ ପୋଲକି ଜୁଏଲାରୀ ଆଦି ସାମିର ରହିଛି। ଏହି ପ୍ରଦର୍ଶନୀ ଅବସରରେ ଗ୍ରାହକଙ୍କୁ ସୁନା ଏବଂ ରତ୍ନ ଖଚିତ ଅଳଙ୍କାରର ଗଢ଼ା ମଜୁରୀ ଉପରେ ୩୦% ପ୍ରତିଶତ ପର୍ଯ୍ୟନ୍ତ ରିଆତି, ହୀରା ମୂଲ୍ୟ ଉପରେ ୩୦ % ଯାଏଁ ରିଆତି ଦିଆଯାଉଛି। ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମପି ଅହମ୍ମଦ କହିଛନ୍ତି ଯେ କାରିଗରୀର ଉତ୍କର୍ଷତାକୁ ପାଳନ କରୁଥିବା ଉତ୍କୃଷ୍ଟ ଡିଜାଇନକୁ ଏଠାରେ ଗ୍ରାହକଙ୍କ ପାଇଁ ଉପଲବ୍ଧ କରାଯାଇଛି। ଉଚ୍ଚ ମାନ, ଶୁଦ୍ଧତା ଏବଂ ଉତ୍ତମ ମୂଲ୍ୟରେ ଗ୍ରାହକ ଏହି ଉତ୍ପାଦ ପାଇପାରିବେ।

### ନୋଟିସ ଜାରିକଲେ ସୁପ୍ରିମକୋର୍ଟ

# ଅନିଲ ଅମ୍ବାନୀଙ୍କ ବିରୋଧରେ ୧.୫ ଲକ୍ଷ କୋଟିର ଦୁର୍ନୀତି ଅଭିଯୋଗ

**ନୂଆଦିଲ୍ଲୀ, ୨୪।୧ (ଏଜେନ୍ସି):** ଶିଳ୍ପପତି ଅନିଲ ଅମ୍ବାନୀଙ୍କ ବିରୋଧରେ ଚାଲିଥିବା ବ୍ୟାଙ୍କ ଠକେଇ ମାମଲାରେ ସୁପ୍ରିମକୋର୍ଟ ନୂଆ ନୋଟିସ ଜାରି କରିଛନ୍ତି। କୋର୍ଟରେ ଦାଏର କରାଯାଇଥିବା ଜନସ୍ୱାର୍ଥ ମାମଲା (ପିଆଇଏଲ)କୁ ନେଇ ଏହି ପଦକ୍ଷେପ ନିଆଯାଇଛି। କୋର୍ଟଙ୍କ ତତ୍ତ୍ୱାବଧାନରେ ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ ଏବଂ ତାଙ୍କ କମ୍ପାନୀ ଉପରେ ଲାଗିଥିବା ୧.୫ ଲକ୍ଷ କୋଟିର ବ୍ୟାଙ୍କିଂ ଓ କର୍ପୋରେଟ ଠକେଇର ଯାଞ୍ଚ ପାଇଁ ପିଆଇଏଲରେ ଦାବି କରାଯାଇଛି। ଏହାକୁ ନେଇ ୧୦ ଦିନ ମଧ୍ୟରେ ଅନିଲଙ୍କ ବିରୋଧରେ ଚାଲିଥିବା ଯାଞ୍ଚର ଷ୍ଟାଟସ ରିପୋର୍ଟକୁ ଜଉ ମୁଦ ଲଫାପାରେ ଦାଖଲ ପାଇଁ ସୁପ୍ରିମକୋର୍ଟ ସିବିଆଇ ଏବଂ ଇଡିକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଥିଲେ ଯେ ପୂର୍ବରୁ ନୋଟିସ ଜାରି କରାଯାଇଥିଲା। ମାତ୍ର ନୋଟିସକୁ ଅନିଲଙ୍କ ନିକଟରେ ପହଞ୍ଚିବାକୁ ସୁନିଶ୍ଚିତ କରିବା ପାଇଁ ବମ୍ବେ



ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ଏହାକୁ 'ଭାରତର ଇତିହାସରେ ସବୁଠାରୁ ବଡ଼ କର୍ପୋରେଟ ଠକେଇ' କହିଥିଲେ। ୨୦୦୭-୦୮ରୁ ଏହି ଠକେଇ ଚାଲିଥିବା ସେ ଉଲ୍ଲେଖ କରିଥିଲେ। ମାତ୍ର ଏତଲା ୨୦୨୫ରେ ରୁଜୁ କରାଯାଇଥିଲା। ପାଣ୍ଠିକୁ ସ୍ଥାନାନ୍ତର କରିବା ପାଇଁ ଅନିଲ ଅମ୍ବାନୀ ଗ୍ରୁପକୁ ସହାୟତା କରିଥିବା ବ୍ୟାଙ୍କ ଅଧିକାରୀଙ୍କୁ ଜେରା କରାଯାଉ ନାହିଁ ବୋଲି ଭୂଷଣ ଅଭିଯୋଗ କରିଥିଲେ। ପିଆଇଏଲରେ ଅଭିଯୋଗ କରାଯାଇଛି ଯେ

**ସିବିଆଇ-ଇଡିକୁ ୧୦ ଦିନରେ ଜବାବ ମାଗିଲେ**

ଯୋଜନାବଦ୍ଧ ଭାବେ ପାଣ୍ଠିର ଅପବ୍ୟବହାର ଏବଂ ଆର୍ଥିକ ବିବରଣୀ ଜାଲିଆତି କରାଯାଇଥିଲା। ଗତ ଅଗଷ୍ଟ ୨୧ରେ ସିବିଆଇ ରୁଜୁ କରିଥିବା ଏତଲା ଏବଂ ଇଡି କାର୍ଯ୍ୟାନୁଷ୍ଠାନରେ କେବଳ ଠକେଇ ଅର୍ଥରୁ ସାମାନ୍ୟ ଅଂଶ ଜବତ କରାଯାଇଥିଲା। ସେହିପରି ଷ୍ଟାଟସ ରିପୋର୍ଟ ଦାଖଲ କରିବା ପାଇଁ ଇଡି ଏବଂ ସିବିଆଇ ସମୟ ମାଗିଛି। ତିନି ସପ୍ତାହ ପରେ ଏହି ମାମଲାର ଶୁଣାଣି ହେବ।

### ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌କୁ ସଫଳତା

# ଶକ୍ତି ମନ୍ତ୍ରାଳୟ ରେଟିଂ ରିପୋର୍ଟରେ ପାଇଲା ସର୍ବୋଚ୍ଚ ଗ୍ରେଡ୍

**ଭୁବନେଶ୍ୱର, ୨୪।୧ (ସମିସ):** ଶକ୍ତି କ୍ଷେତ୍ରରେ ଓଡ଼ିଶାର ସଫଳତା ପୁଣି ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି। କେନ୍ଦ୍ରଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ୨୦୨୫ ଆର୍ଥିକ ବର୍ଷର ୧୪ତମ ସମନ୍ୱିତ ରେଟିଂ ଏବଂ ର୍ୟାଙ୍କିଂ ରିପୋର୍ଟରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମଗୁଡ଼ିକ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ସାରା ଦେଶର ୬୫ଟି ବିଦ୍ୟୁତ ବିତରଣ ସଂସ୍ଥାକୁ ନେଇ କରାଯାଇଥିବା ଏହି ସର୍ଭେରେ ଓଡ଼ିଶାର ଡିସକମ୍‌ଗୁଡ଼ିକ ଉତ୍ତମ ପ୍ରଦର୍ଶନ କରି ନିଜ ସ୍ଥିତିକୁ ସୁଦୃଢ଼ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ଟାଟା ପାୱାର ପରିଚାଳିତ ଏହି ସଂସ୍ଥାଗୁଡ଼ିକ କ୍ରମାଗତ ତୃତୀୟ ବର୍ଷ ପାଇଁ ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି।

ଜାତୀୟ ସ୍ତରରେ ଓଡ଼ିଶାର ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନ୍‌ଓଡିଏଲ୍) ଚମତ୍କାର ପ୍ରଦର୍ଶନ କରି ଦେଶର ସମସ୍ତ ବିଦ୍ୟୁତ ବିତରଣ କମ୍ପାନୀ ମଧ୍ୟରେ ୯ମ ସ୍ଥାନ ହାସଲ କରିଛି। ଟିପିଏନ୍‌ଓଡିଏଲ୍ ଏବଂ ଟିପିସିଓଡିଏଲ୍ ଉଭୟ ସେମାନଙ୍କର ସମ୍ମାନଜନକ 'ଇ+' ଗ୍ରେଡ୍ ବଜାୟ ରଖିବାରେ ସଫଳ ହୋଇଥିବା ବେଳେ ଟିପିଡବ୍ଲୁଓଡିଏଲ୍ ମଧ୍ୟ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଜରିଆରେ 'ଇ' ଗ୍ରେଡ୍ ହାସଲ କରିଛି।ଜାତୀୟ ସ୍ତରରେ ଏହି ସଫଳତା ପଛର ମୁଖ୍ୟ କାରଣ ହେଉଛି ବିଲିଂ ବ୍ୟବସ୍ଥାରେ ଉନ୍ନତି। ଟାଟା ପାୱାରର ଚିଫ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ବିଜନେସ ତଥା ଟିପିଏନ୍‌ଓଡିଏଲ୍ ର ସିଇଓ ଗଜାନନ କାଲେ କହିଛନ୍ତି ଯେ ଭାରତର ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଆମେ ସଂକଳ୍ପବଦ୍ଧ।

# ମହିଳା ଦୃଷ୍ଟିବାଧିତ ବିଜେତା ଦଳକୁ ଶୁଭେଚ୍ଛା ଜଣାଇଲେ ଡ. ତିରୁପତି ପାଣିଗ୍ରାହୀ

**ଭୁବନେଶ୍ୱର, ୨୪।୧ (ସମିସ):** ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରସ୍ଥ ଖେଳ ପଡ଼ିଆରେ ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଟି-୨୦ ଟୁର୍ଣ୍ଣାମେଣ୍ଟରେ ମଧ୍ୟପ୍ରଦେଶକୁ ୩୨ ରନ୍‌ରେ ହରାଇ ଓଡ଼ିଶା ଚାମ୍ପିଅନ୍ ହୋଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ମୁଖ୍ୟ ଅତିଥି, ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି, ହାଇଟେକ୍ ଗ୍ରୁପ୍ ଟ୍ରଷ୍ଟି ଡ. ରାକେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ବିଶ୍ୱଜିତ୍ ପାଣିଗ୍ରାହୀ, ଜିନ୍ଦଲ ଫାଉଣ୍ଡେସନ୍ ସିଏସ୍‌ଆର ମୁଖ୍ୟ ରିଷି ପଠାନିଆ, ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ସଂଘ ସଭାପତି ବୁମେ ଗୌଡ, ଶୈଳେନ୍ଦ୍ର ଯାଦବ, ମହିଳା ଓ ଶିଶୁ ବିକାଶ ଅଧ୍ୟକ୍ଷା ମେଜର ଡ. କଳ୍ପନା ଦାସ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଉପଶାସନ ସଚିବ ବସନ୍ତ ବେହେରା, ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ସଂଘ ସଭାପତି ମହମ୍ମଦ ଜାଫର ଇକ୍‌ବାଲ ଯୋଗଦେଇ ଚମ୍ପିଆନ୍ ଓ ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ବିଜେତା ଦଳକୁ ଶୁଭେଚ୍ଛା ଜଣାଇବା ସହିତ ଦୀର୍ଘ ଦିନରୁ ମହିଳା କ୍ରିକେଟ ପ୍ରତିଯୋଗୀଙ୍କୁ ହାଇଟେକ୍ ସହଯୋଗର ହାତ ବଢ଼ାଇବା ଆଗକୁ ଜାରି ରଖିବ ବୋଲି ଡ. ପାଣିଗ୍ରାହୀ କହିଥିଲେ।

# ୧୬ ବିମାନବନ୍ଦରରୁ ୭୧୭ ସ୍ଲଟ୍ ଛାଡ଼ିଲା ଇଣ୍ଡିଗୋ

**ନୂଆଦିଲ୍ଲୀ, ୨୪।୧ (ଏଜେନ୍ସି):** ଦେଶର ସବୁଠାରୁ ବଡ଼ ଏୟାରଲାଇନ ଇଣ୍ଡିଗୋ ଅଲଗା ଅଲଗା ୧୬ ବିମାନବନ୍ଦରରୁ ୭୧୭ ସ୍ଲଟ ଛାଡ଼ିଦେଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କାର୍ଯ୍ୟାନୁଷ୍ଠାନ ପରେ ଇଣ୍ଡିଗୋ ଏହି ପଦକ୍ଷେପ ନେଇଛି। ଏହି ଏୟାରଲାଇନକୁ ଶୀତ ପାଇଁ ଉଡ଼ାଣ ହ୍ରାସ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ମାମଲା ଗତ ବର୍ଷ ଡିସେମ୍ବରରେ ହୋଇଥିବା ମହାବିଭ୍ରାଟ ସହ ଜଡ଼ିତ। ପରିଚାଳନାଗତ ଅବ୍ୟବସ୍ଥା ପାଇଁ ଇଣ୍ଡିଗୋର ହଜାର ହଜାର ବିମାନ ବାତିଲ ହୋଇଥିଲା। ଏଥିଯୋଗୁଁ ଯାତ୍ରୀ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ବିମାନବନ୍ଦରରେ ଫସି ହନ୍ତସନ୍ତ ହୋଇଥିଲେ। ଏହି ଅବ୍ୟବସ୍ଥାକୁ ଦେଖି ଡିଜିସିଏ ଇଣ୍ଡିଗୋର ୧୦ ପ୍ରତିଶତ ଉଡ଼ାଣକୁ ହ୍ରାସ କରିଦେଇଥିଲା। ଏହାକୁ ପାଳନ କରି ଇଣ୍ଡିଗୋ ଏବେ ମନ୍ତ୍ରାଳୟକୁ ୭୧୭ ସ୍ଲଟ ତାଲିକା ପ୍ରଦାନ କରିଛି। ବିମାନବନ୍ଦରରେ ବିମାନର ଅବତରଣ ଏବଂ ଉଡ଼ାଣ ପାଇଁ ଏହି ସ୍ଲଟ ଦିଆଯାଇଥାଏ।

ଇଣ୍ଡିଗୋ ଖାଲି କରିଥିବା ସ୍ଲଟରେ ଦିଲ୍ଲୀର ୧୫୦, ମୁମ୍ବଇରେ ୨୩୬, ବେଙ୍ଗାଲୁରୁରେ ୮୪, ହାଇଦରାବାଦରେ ୬୮, ପୁନେରେ ୪୮ ଏବଂ ଗୋଆର ୩୨ଟି ସାମିଲ ରହିଛି। ଚେନ୍ନଇ, କୋଲକାତା, ଜୟପୁର, ଶ୍ରୀନଗର, ପାଟନା, ରାଞ୍ଚି ଏବଂ ଜୟପୁରରୁ ମଧ୍ୟ ସ୍ଲଟ ଖାଲି କରାଯାଇଛି। ଏହି ସବୁ ସ୍ଲଟ ପୂରଣ ପାଇଁ ଅନ୍ୟ ଏୟାରଲାଇନ ଗୁଡ଼ିକୁ ମନ୍ତ୍ରାଳୟ ଆବେଦନ ମାଗିଛି। ଯାତ୍ରୀଙ୍କୁ ସମସ୍ୟାରେ ନ ପକାଇବା ପାଇଁ ସରକାର ଚାହୁଁଛନ୍ତି। ତେଣୁ ପୂର୍ବ ମାର୍ଗକୁ ବଜାୟ ରଖି ଏହି ପଥରେ ଆବେଦନ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ନେଟୱର୍କ ପ୍ଲାନିଂ ଏବଂ ନୂଆ ମାର୍ଗରେ ପରିଚାଳନା ଆରମ୍ଭ କରିବା ଏକ ଦୀର୍ଘ ପ୍ରକ୍ରିୟା ହୋଇଥିବାରୁ ଅନ୍ୟ ବିମାନ କମ୍ପାନୀଗୁଡ଼ିକ ପାଇଁ ସମସ୍ୟା ସୃଷ୍ଟି ହୋଇପାରେ।

### ରୁଷରୁ ତୈଳ କ୍ରୟ ହ୍ରାସ କଲା ଭାରତ; ବଡ଼ ବିଜୟ କହିଲା ଆମେରିକା

# ଅତିରିକ୍ତ ୨୫% ଶୁଳ୍କ ହଟାଇବେ ଟ୍ରମ୍ପ!

**ୱାଶିଂଟନ, ୨୪।୧ (ଏଜେନ୍ସି):** ଆମେରିକା ଚାପରେ ରୁଷ୍‌ଠାରୁ ଅଶୋଧିତ ତୈଳ କ୍ରୟକୁ ଭାରତ ବହୁତ ହ୍ରାସ କରିଦେଇଛି। ଏହାକୁ ୱାଶିଂଟନ ବଡ଼ ବିଜୟ କହିଛି। ଭାରତର ଏଭଳି ପଦକ୍ଷେପରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ବହୁତ ଖୁସି ଅଛି। ତେଣୁ



**ବାଣିଜ୍ୟ ଚୁକ୍ତି ପାଇଁ ଭାରତ ଉପରେ ଶୁଳ୍କ ଲଗାଇଲେନି ୟୁରୋପୀୟ ରାଷ୍ଟ୍ର**

ନୂଆଦିଲ୍ଲୀ ଉପରେ ଲଗାଯାଇଥିବା ୫୦ ପ୍ରତିଶତ ଶୁଳ୍କକୁ ହ୍ରାସ କରି ଅଧା କରିବାକୁ ବିଚାର କରୁଛି। ଭାରତ ଉପରେ ଲଗାଯାଇଥିବା ୨୫ ପ୍ରତିଶତର ଅତିରିକ୍ତ ଶୁଳ୍କକୁ ହଟାଇ ଦିଆଯାଇପାରେ ବୋଲି ଆମେରିକା ଅର୍ଥମନ୍ତ୍ରୀ ସ୍କଟ ବେସେଣ୍ଟ କହିଛନ୍ତି। ସେ ଏକ ସାକ୍ଷାତକାରରେ କହିଛନ୍ତି ଯେ ଭାରତ ଉପରେ ଲଗାଯାଇଥିବା ଶୁଳ୍କ ବହୁତ ପ୍ରଭାବୀ ଥିଲା। ଏଥିପାଇଁ ଭାରତ ରୁଷ୍‌ରୁ ତୈଳ କ୍ରୟ ହ୍ରାସ କରିଦେଇଛି। ଏବେ ଶୁଳ୍କ ଲାଗିଥିଲେ ବି ହଟାଇବାର ରାସ୍ତା ବାହାର କରାଯାଇପାରେ।

ସୂଚନାଯୋଗ୍ୟ ଯେ ଗତ ବର୍ଷ ଅଗଷ୍ଟରେ ଆମେରିକା ଦୁଇ ଥର ଭାରତ ଉପରେ ଶୁଳ୍କ ଲଗାଇ ଥିଲା। ପ୍ରଥମେ ସାମଗ୍ରୀ ରପ୍ତାନୀ ପାଇଁ ୨୫ ପ୍ରତିଶତ ଏବଂ ପରେ ରୁଷ୍ ତୈଳ କିଣୁଥିବାରୁ ଆଉ ୨୫ ଶୁଳ୍କ ଲଗା ଯାଇଥିଲା। ଆମେରିକାର ସହଯୋଗୀ କୁହାଯାଉଥିବା ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଭାରତ ଉପରେ ଶୁଳ୍କ ନ ଲଗାଇବାର କାରଣ କହିଛନ୍ତି ବେସେଣ୍ଟ। ସେ ଅଭିଯୋଗ କରିଛନ୍ତି ଯେ ୟୁରୋପୀୟ ଦେଶ ଗୁଡ଼ିକ ଭାରତ ସହ ବଡ଼ ବାଣିଜ୍ୟ ଚୁକ୍ତି କରିବାକୁ ଚାହୁଁଛନ୍ତି। ସେଥିପାଇଁ ଏହି ୨୭ ଦେଶ ଶୁଳ୍କ ଲଗାଇବାରୁ ବିରତ ରହିଛନ୍ତି। ଭାରତରୁ ରିଫାଇନ ତେଲ କିଣି ୟୁରୋପୀୟ ଦେଶଗୁଡ଼ିକ ନିଜେ ରୁଷକୁ ସହାୟତା କରୁଛନ୍ତି। ଏହି ଦେଶଗୁଡ଼ିକ ୟୁକ୍ରେନ ସପକ୍ଷରେ ଥିବାବେଳେ ତୈଳ କିଣି ଯୁଦ୍ଧକୁ ଖୋରାକ ଯୋଗାଉଛନ୍ତି। ଏହା ବିଡ଼ମ୍ବନା ଏବଂ ମୂର୍ଖତାକୁ ଦର୍ଶାଉଛି। ୟୁରୋପୀୟ ସଂଘ (ଇୟୁ)ର ଅଧ୍ୟକ୍ଷ ଉର୍ସୁଲା ଭାନ ଡେର ଲେନ ଭାରତ ଗସ୍ତରେ ଆସିଥିବାବେଳେ ବେସେଣ୍ଟ ଏପରି ଟିପ୍ପଣୀ ଦେଇ ବିବାଦ ବଢ଼ାଇବାକୁ ଚାହୁଁଛନ୍ତି।

ବେସେଣ୍ଟ କହିଛନ୍ତି ଯେ ତୈଳ କ୍ରୟ କରୁଥିବା ଦେଶ ଉପରେ ୫୦୦ ପ୍ରତିଶତ ଶୁଳ୍କ ଲଗାଇବାର ପ୍ରସ୍ତାବ ସିନେଟର ଗ୍ରାହମ ସିନେଟରେ ରଖିଥିଲେ। ମାତ୍ର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏହାର ଆବଶ୍ୟକତା ନାହିଁ। ପୂର୍ବରୁ ରାଷ୍ଟ୍ରପତିଙ୍କ ପାଖରେ ଆଇଇଇପିଏ ଆଇନ ରହିଛି। ଏହା ମାଧ୍ୟମରେ ରାଷ୍ଟ୍ରୀୟ ଜରୁରୀ ସ୍ଥିତିର ଉଲ୍ଲେଖ କରି ସେ ଅନ୍ୟ ଦେଶ ଉପରେ ଆର୍ଥିକ କଟକଣା କିମ୍ବା ଟିକସ ଲଗାଇ ପାରିବେ।

### କାମ ଦେଉନି ଆମେରିକା କଟକଣା

# କୃଷ୍ଣ ସାଗରରେ ରୁଷ୍ ଚଳାଇଛି କଳା କାରବାର

**ନୂଆଦିଲ୍ଲୀ, ୨୪।୧ (ଏଜେନ୍ସି):** ଦୀର୍ଘ ଦିନ ହେଲା ରୁଷ୍-ୟୁକ୍ରେନ ଯୁଦ୍ଧ ଚାଲିଛି। ଆମେରିକା ଏବଂ ଏହାର ସହଯୋଗୀ ରାଷ୍ଟ୍ର ଅନେକ କଟକଣା ଲଗାଇବା ସତ୍ତ୍ୱେ ୨୦୨୨ ଫେବୃଆରୀ ୨୪ରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଉପରେ ତାହାର କୌଣସି ପ୍ରଭାବ ପଡ଼ି ପାରୁନାହିଁ। ରୁଷ୍‌ର ଆର୍ଥିକ କ୍ଷତି ହେଉଥିଲେ ବି ସେତେ ପ୍ରଭାବ ପଡୁନାହିଁ। ଏହି ଦେଶଠାରୁ ତୈଳ କିଣୁଥିବାରୁ ଭାରତ ଉପରେ ଆମେରିକା ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଇ ଥିଲା। ଏହା ଫଳରେ ନୂଆଦିଲ୍ଲୀ ରୁଷ ତୈଳ କ୍ରୟ ହ୍ରାସ କରି ଦେଇଥିଲା। କିନ୍ତୁ, ଆମେରିକା ଯାହା ଆଶା କରିଥିଲା ତାହା ହେଲା ନାହିଁ। ଭାରତ ତୈଳ ହ୍ରାସ କରିବା ସତ୍ତ୍ୱେ ରୁଷ ନିଜ ବେପାର ବଢ଼ାଇ ଚାଲିଛି। ଭୂରାଜନୈତିକ ସ୍ଥିତିର ଦ୍ରୁତ ପରିବର୍ତ୍ତନ ଯୋଗୁଁ ଅଶୋଧିତ ତୈଳ କାରବାର ମଧ୍ୟ ପ୍ରଭାବିତ ହୋଇଛି। ୟୁକ୍ରେନରେ ଆକ୍ରମଣ ପାଇଁ ରୁଷ ଉପରେ କଟକଣା ଲଗାଇଥିବା ଆମେରିକା ନିଜେ ଭେନେଜୁଏଲାରେ ସମାନ ପଦକ୍ଷେପ ଗ୍ରହଣ କରି ତୈଳ ବିକ୍ରି ଆରମ୍ଭ କରିଦେଇଛି। ଏହାକୁ ଦେଖି ମସ୍କୋ ନିଜ ରଣନୀତି ବଦଳାଇଛି। ପୂର୍ବରୁ ନିଷ୍କ୍ରିୟ ଥିବା ଜାହାଜ ଏବଂ ଫ୍ଲିଟ ଅପରେଟରଙ୍କୁ ସକ୍ରିୟ କରି କୃଷ୍ଣ ସାଗରରେ ଡାର୍କ ଫ୍ଲିଟ ମାଧ୍ୟମରେ ତୈଳ କାରବାର ଜାରି ରଖିଛି।

ଏହି ଡାର୍କ ଫ୍ଲିଟରେ କଳା କାରବାର ଚାଲିଛି। ଏହି ଡାର୍କ ଫ୍ଲିଟ ହେଉଛି ତୈଳ ଟ୍ୟାଙ୍କରର ଏକ ବଡ଼ ନେଟୱର୍କ। ରୁଷ, ଇରାନ ଏବଂ ଭେନେଜୁଏଲା ମଧ୍ୟରେ ନିଷିଦ୍ଧ ତେଲ କାରବାର ପାଇଁ ଏହାକୁ ବ୍ୟବହାର କରାଯାଉଛି। ଯେ ଏହି ଅପରେଟରମାନେ ବିଶ୍ୱ ଟ୍ୟାଙ୍କ କ୍ଷମତାର ୧୮.୫% ବ୍ୟବସାୟ କରନ୍ତି। ଏହି ଅନ୍ଧକାରର ଖେଳରେ ରୁଷ ସବୁଠାରୁ ବଡ଼ ଖେଳାଳି ସାଜିଛି। ଏହି ଫ୍ଲିଟଗୁଡ଼ିକ ପ୍ରାୟତଃ ଗୁପ୍ତ ଭାବରେ କାର୍ଯ୍ୟ କରନ୍ତି। ସେମାନେ ପୁରୁଣା ଜାହାଜ ବ୍ୟବହାର କରନ୍ତି। ଏଥିରୁ ଅଧିକାଂଶ ଖରାପ ଏବଂ ପାଶ୍ଚାତ୍ୟ କମ୍ପାନୀଗୁଡ଼ିକର ରହିଛି। ତେଣୁ ଜବତ ହେବାର ଭୟ ହ୍ରାସ ପାଉଛି। କଟକଣା ଏବଂ ଯାଞ୍ଚକୁ ଏଡାଇବା ଏମାନେ ବିଭିନ୍ନ ପନ୍ଥା ଆପଣାଉଛନ୍ତି। ଏଗୁଡ଼ିକ ମଧ୍ୟରେ ଜାହାଜରେ ନକଲି ପତାକା ଲଗାଇବା, ଜାଲ୍ ଲୋକେସନ ପଠାଇବା, ବାରମ୍ବାର ପାଲ ପରିବର୍ତ୍ତନ କରିବା ଏବଂ ଜିପିଏଶ ସାଟେଲାଇଟ୍‌ରୁ ରକ୍ଷା ପାଇବା ପାଇଁ ଟ୍ରାନ୍ସପଣ୍ଡର୍ ବନ୍ଦ କରିବା ସାମିଲ ରହିଛି। ଏହି ଜାହାଜଗୁଡ଼ିକ ବହୁତ ପୁରୁଣା। ଏଗୁଡ଼ିକୁ ଅନେକ ଥର ବିକ୍ରି ଏବଂ କ୍ରୟ କରାଯାଇଛି। ତେଣୁ କେଉଁଠି ନିର୍ମାଣ କରାଯାଇଥିଲା ତାହା ଜାଣିବା କଷ୍ଟସାଧ୍ୟ। ଏଭଳି ୩୩୦୦ ଜାହାଜ ନେଟୱର୍କରେ ସାମିଲ ରହିଛି। ରୁଷ ଏହାର ଲାଭ ଉଠାଉଛି। ଏହି ଜାହାଜ ମାଧ୍ୟମରେ ରୁଷର ବାଲ୍‌ଟିକ ଏବଂ କୃଷ୍ଣା ସାଗର ସ୍ଥିତ ବନ୍ଦରରୁ ତୈଳ ଅଣାଯାଉଛି। ଏହାକୁ ମଝି ସମୁଦ୍ରରେ ଅନ୍ୟ ଦେଶଗୁଡ଼ିକୁ ବିକ୍ରି କରାଯାଉଛି। ରାତିରେ ଏବଂ ଗୁପ୍ତରେ ଏହି କାରବାର ଚାଲିଛି। ଏହି ବେଆଇନ କାର୍ଯ୍ୟକଳାପରୁ ରୁଷିଆ କୋଟି କୋଟି ଡଲାର ଆୟ କରୁଛି। ଏହି ଅଭିଯାନରେ ରୁଷ ନିଜର ଘନିଷ୍ଠଙ୍କୁ ଲଗାଇଛି। ସେମାନେ ବିଭିନ୍ନ ଦେଶରେ ଥାଇ ନିଜ ନାମରେ ସେଲ୍ କମ୍ପାନୀ ତିଆରି କରିଛନ୍ତି। ଏହା ମାଧ୍ୟମରେ ତୈଳ କରାବାର ଚଳାଇ କଳାକୁ ଧଳା କରିବାକୁ ପ୍ରୟାସ କରୁଛନ୍ତି। କିଛି ଦିନ ତଳେ ଏଭଳି ଜାହାଜକୁ ସିଙ୍ଗାପୁରରେ ଦେଖା ଯାଇଥିଲା। ରୁଷ ଏବଂ ଇରାନ ଏହା ମାଧ୍ୟମରେ ବିପୁଳ ତୈଳ ବିକୁଥିବା ରିପୋର୍ଟ ପ୍ରକାଶ ପାଇଛି। ଆଉ ଚୀନ୍ ଏବଂ ଭାରତ ଏହି ତୈଳ କ୍ରୟ କରୁଥିବା କେପଲର ରିପୋର୍ଟରେ କୁହାଯାଇଛି। ୨୦୨୫ର ଶେଷ ତିନି ମାସରେ ଭାରତ ଏବଂ ଚୀନ୍ ଏହି ଡାର୍କ ଫ୍ଲିଟର ୨୦ ପ୍ରତିଶତ ଅଶୋଧିତ ତୈଳ କ୍ରୟ କରିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ୨୦୨୨ରେ ଏଭଳି ଜାହାଜ ସଂଖ୍ୟା ମାତ୍ର ୯୭ ଥିଲା। ୨୦୨୫ ବେଳକୁ ଏହା ୩୩୧୩ରେ ପହଞ୍ଚି ଯାଇଛି। ଏହା ମାଧ୍ୟମରେ ବିଶ୍ୱର ୬-୭ ପ୍ରତିଶତ ତୈଳ କାରବାର ହେଉଛି।

### କାନାଡ଼ା ଉପରେ ୧୦୦% ଶୁଳ୍କ ଲଗାଇବୁ: ଟ୍ରମ୍ପ

**ୱାଶିଂଟନ, ୨୪।୧ (ଏଜେନ୍ସି):** ଚୀନ୍ ସହ ବାଣିଜ୍ୟ କାରବାରକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡ଼ାକୁ ଚେତାବନୀ ଦେଇଛନ୍ତି। ସେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କୁ ଆମେରିକାର ଗଭର୍ଣ୍ଣର ସମ୍ବୋଧନ କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଯଦି ଚୀନ୍ ସାମଗ୍ରୀକୁ କାନାଡ଼ା ଦେଇ କାର୍ଣ୍ଣି ଆମେରିକା ପଠାଇବାକୁ ଚାହୁଁଛନ୍ତି ତେବେ ସେ ଭୁଲ ଭାବୁଛନ୍ତି। ଚୀନ୍ ସହ କାନାଡ଼ା କୌଣସି ଚୁକ୍ତି କଲେ ଶହେ ପ୍ରତିଶତ ଟିକସ ଲଗାଇବୁ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି। ଚୀନ୍ ଏହି କାନାଡ଼ାର କ୍ଷତି କରି ବ୍ୟବସାୟ, ସମାଜ ଏବଂ ଜୀବନଶୈଳୀକୁ ନଷ୍ଟ କରିଦେବ ବୋଲି ଟ୍ରମ୍ପ କହିଛନ୍ତି।

